## ସଂକ୍ଷେପରେ

### ରଥଯାତ୍ରା ପ୍ରସ୍ତୁତି ବୈଠକ

ନାଉଗାଁ,୧୮।୬(ସ୍ୱ.ପ୍ର.): ନାଉଗାଁ ବ୍ଲକ ଗାରୋଇ ଆଶ୍ରମରେ ରଥଯାତ୍ରା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଶ୍ରମର ମହନ୍ତ ମହାରାଜ ବାବା ଶ୍ରୀ ଶ୍ରୀ ଦିବ୍ୟଲୋଚନ ଦାସ ପୌରୋହିତ୍ୟ କରିଥିଲେ। ପଣ୍ଡିତ ଅମରେଶ୍ୱର ମିଶ୍ର, ଜଗନ୍ନାଥ ସଂସଦ ସଭାପତି ବେଣୁଧର ମହାନ୍ତି, ସମ୍ପାଦକ ଗଣେଶ୍ୱର ରଥ, କାହ୍ନୁଚରଣ ମହାନ୍ତି, ପ୍ରବୋଧ ମହାନ୍ତି ପ୍ରମୁଖ ଯୋଗଦେଇ ରଥଯାତ୍ରା କିପରି ଶୃଙ୍ଖଳାରେ ଶେଷ ହେବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିବାକୁ କୁହାଯାଇଥିଲା। ସେହିପରି ବଡ଼ଦାଣ୍ଡ ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବାକୁ ସ୍ଥିର କରାଯାଇଥିଲା। ନବଦିନ ବ୍ୟାପୀ ହେବାକୁ ଥିବା ଯାତ୍ରା ଅବସରରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକକୁ ଠାକୁର ରାଜା କେଦାରନାଥ ବିଶ୍ୱାଳ ପରିଚାଳନା କରିଥିଲେ। ଶିକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ ସହାୟତା କରିଥିଲେ। ପ୍ରମୋଦ ମହାନ୍ତି, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ନେତ୍ରୋତ୍ସବ ଦିନ ହେବ ବୋଲି ଜଗନ୍ନାଥ ସଂସଦର ସଭାପତି ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ପ୍ରସ୍ଥରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

■ ଜଗତ୍‌ସିଂହପୁରରେ ବ୍ରାଉନ ସୁଗାର ର୍‍ୟାକେଟ

# ୩ ଗିରଫ : ୪.୭୩ ଗ୍ରାମ ବ୍ରାଉନ ସୁଗାର, ବାଇକ୍ ଜବତ

ଜଗତ୍‌ସିଂହପୁର ଅଫିସ,୧୮।୬

ଜଗତ୍‌ସିଂହପୁର ଜିଲାରେ ଏବେ ବ୍ରାଉନ ସୁଗାର ର୍‍ୟାକେଟ୍ କାୟା ମେଲିବାରେ ଲାଗିଛି। ବିଶେଷକରି କମ୍ ବୟସର ଯୁବକମାନେ ଅଳ୍ପ ପରିଶ୍ରମରେ ଅଧିକ ଟଙ୍କା ଉପାର୍ଜନ ଲକ୍ଷ୍ୟରେ ଏହି କାରବାରରେ ସାମିଲ ହେଉଛନ୍ତି। ଏହି କାରବାର ଦିନେ କି ମାସେ ନୁହେଁ, ବର୍ଷାଧିକ କାଳ ହେବ ଚାଲିଛି। ଏ ସମ୍ପର୍କରେ ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଲା ପରେ ପୋଲିସ ନିଦ ଭାଙ୍ଗିଛି। ମଙ୍ଗଳବାର ଜଗତ୍‌ସିଂହପୁର ପୋଲିସ ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୪.୭୩ ଗ୍ରାମ ବ୍ରାଉନ ସୁଗାର ଓ ଏକ ବାଇକ୍ (ନଂ.ଓଡି ୦୫ଭି ୩୮୫୧) ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାର୍କଣ୍ଡପୁର ଗୋପାଳ ସାଗର ର ବାବୁ ଓରଫ ଜଗନ୍ନାଥ ମହାନ୍ତି, ମାଧପୁରର ବିଭୁ ଓରଫ ଚନ୍ଦନ ମଲ୍ଲିକ ଓ ବବୁଲ ଓରଫ ଜିତନ ମଲ୍ଲିକ। ଅଭିଯୁକ୍ତମାନଙ୍କୁ ଜେରା ପରେ ର୍‍ୟାକେଟ୍‌ର ଚେର ବହୁତ ଲମ୍ବିଥିବା ସୂଚନା ମିଳିଛି। କିନ୍ତୁ ଖବର ଲେଖାହେବା ପର୍ଯ୍ୟନ୍ତ ର୍‍ୟାକେଟ୍‌ର ମାଷ୍ଟର ମାଇଣ୍ଡକୁ ଗିରଫ କରିବାକୁ ପୋଲିସ ସକ୍ଷମ ହୋଇନାହିଁ।


ଗିରଫ ୩ ଅଭିଯୁକ୍ତ।

### ୨ ବର୍ଷ ହେଲା ବଢିଛି କାରବାର

୨ ବର୍ଷ ପୂର୍ବରୁ ଜିଲାରେ ବ୍ରାଉନ୍ ସୁଗାର କାରବାର ଚାଲିଛି। ମାତ୍ର ସେତେବେଳେ ଯେଉଁ ପରିମାଣରେ ବିକ୍ରି ହେଉଥିଲା, ଏବେ ତାହା ଢେର୍ ଗୁଣ ବଢିଯାଇଛି। ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ଏହି କାରବାର ଖୋଲାଖୋଲି ଚାଲିଛି। ଫଳରେ ଜିଲାର ବହୁ ଯୁବଗୋଷ୍ଠୀ ଏହି ନିଶା ଦ୍ୱାରା କବଳିତ ହେଲେଣି। ବିଶେଷକରି ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟର ବହୁ ଛାତ୍ର ଓ ସ୍ଥାନୀୟ ଯୁବକ ବ୍ରାଉନ ସୁଗାର ସେବନ କରିଥିବା ନଜର ରହିଛି। ପୋଲିସ ମଧ୍ୟ ଚଢାଉ କରି ସତ୍ୟାସତ୍ୟ ଜାଣିଛି। କିନ୍ତୁ ଛାତ୍ରମାନଙ୍କ ଭବିଷ୍ୟତ ନଷ୍ଟ ହୋଇଯିବା ଆଶଙ୍କାରେ ସେମାନଙ୍କୁ ତାଗିଦ କରି ଛାଡିଦେଇଛି। କିଛି ଦିନ ତଳେ ମହିଳାମାନେ ସ୍ୱର ଉତ୍ତୋଳନ କରି ତୁରନ୍ତ ଗୋପାଳସାଗର ଅଞ୍ଚଳରୁ ଚୋରା ମାଦକଦ୍ରବ୍ୟ କାରବାର ବନ୍ଦ କରାଯାଉ ବୋଲି ଜଗତ୍‌ସିଂହପୁର ଥାନାରେ ଦାବି କରିଥିଲେ। ଗତ ୧ ତାରିଖରେ ଜଗତ୍‌ସିଂହପୁର ଥାନା ପକ୍ଷରୁ ଚଢାଉ କରାଯାଇ ଗୋପାଳସାଗର ଅଞ୍ଚଳରୁ ୭୭୦ ଗ୍ରାମର ବ୍ରାଉନ ସୁଗାର ପ୍ୟାକେଟ୍ ଜବତ କରାଯାଇଥିଲା। ଏନେଇ ଏସ୍‌ଆଇ ରବିନ୍ଦ୍ରନାରାୟଣ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ସଂଖ୍ୟା ୧୯୫/୧୯ ରୁଜୁ କରିଥିଲା। ଉକ୍ତ ମାମଲାରେ ପୋଲିସ ମାର୍କଣ୍ଡପୁରର ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା।

### କଟକରେ ମାଷ୍ଟର ମାଇଣ୍ଡ

ଜଗତ୍‌ସିଂହପୁରରେ ଚାଲିଥିବା ବ୍ରାଉନ ସୁଗାର କାରବାରର ଚେର କଟକକୁ ଲମ୍ବିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି ଯେ, ୧୭ ତାରିଖ ରାତିରେ ଗୋପାଳସାଗର ଓ ଗାନ୍ଧୀ ଛକ ମଝି ମୁଖ୍ୟ ରାସ୍ତା ପାର୍ଶ୍ୱରେ ବ୍ରାଉନ ସୁଗାର କାରବାର ଚାଲିଥିବା ସୂଚନା ମିଳିଥିଲା। ଚଢାଉ ସମୟରେ ଅଭିଯୁକ୍ତମାନେ ଧରାପଡିଥିଲେ। ଏସ୍‌ଆଇ ଚିତ୍ତରଞ୍ଜନ ବରାଳଙ୍କ ଅଭିଯୋଗକ୍ରମେ ମାମଲା ନଂ.୨୧୭/୧୯ ରୁଜୁ ହୋଇଛି। କିନ୍ତୁ ମାଷ୍ଟର ମାଇଣ୍ଡକୁ ଗିରଫ କରାଯାଇପାରିନାହିଁ। ଅଭିଯୁକ୍ତମାନଙ୍କୁ ପଚରାଉଚୁରା ପରେ ମାଷ୍ଟର ମାଇଣ୍ଡ କଟକର ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ଗିରଫ ପୂର୍ବରୁ ତାଙ୍କ ନାଁ ଓ ଠିକଣା ଆଦି ପୋଲିସ ପ୍ରଘଟ କରିବାକୁ ଚାହୁଁନି।

### ନିଆରା ଢଙ୍ଗରେ ଚାଲିଛି ବେପାର

ବ୍ରାଉନ ସୁଗାର ଏତେ ସହଜରେ କିପରି ଜଗତ୍‌ସିଂହପୁର ଓ ଜିଲାର ବିଭିନ୍ନ ପ୍ରାନ୍ତକୁ ଯାଇପାରୁଛି, ତାହାକୁ ନେଇ କେତେକ ତଥ୍ୟ ହସ୍ତଗତ ହୋଇଛି। ସହରର ବିଭିନ୍ନ ସ୍ଥାନରେ ପାଖାପାଖି ୫୦ ଯୁବକ ଏହି କାରବାରରେ ସାମିଲ ଅଛନ୍ତି। ଏ ସମ୍ପର୍କରେ ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ପାଉଡର କଟକରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ବିଭିନ୍ନ ମାଧ୍ୟମରେ ଆସୁଛି। କେତେବେଳେ ବାଇକ୍ ତ କେତେବେଳେ କାର ବ୍ୟବହାର ହେଉଛି। ପାଉଡର ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଦଳ ରହିଛି। ଜଣଙ୍କୁ ସବୁ ସମୟରେ ବ୍ୟବହାରରେ ଲଗାଯାଉନି। ଏକ ପ୍ରକାର ଗାଡି ମଧ୍ୟ ସବୁବେଳେ ବ୍ୟବହାର ହୋଇ ନ ଥାଏ। ଅଧିକ ପରିମାଣର ପାଉଡର ଜଣଙ୍କୁ ଦିଆଯାଏ ନାହିଁ। ଏକାଧିକ ଯୁବକ ଛୋଟ ଛୋଟ ପ୍ୟାକେଟ୍ ଧରି କଟକରୁ ବାହାରି ଜଗତ୍‌ସିଂହପୁରରେ ପହଞ୍ଚିଥାନ୍ତି। ରାସ୍ତା ମଧ୍ୟ ଆବଶ୍ୟକସ୍ଥଳେ ବଦଳାଯାଏ। ଏପରି କି ବେଳେ ବେଳେ ବସରେ ମଧ୍ୟ ଏହା ପଠାଯାଉଛି। ଅନୁରୂପ ଭାବେ ଜିଲାର ବିଭିନ୍ନ ପ୍ରାନ୍ତକୁ ବ୍ରାଉନ ସୁଗାର ପଠାଯାଉଛି। ପାଉଡର ପହଞ୍ଚିବା ପରେ ପରିବହନକାରୀ ନାଟକୀୟ ଢଙ୍ଗରେ ସ୍ଥାନ ଛାଡି ଖସିଯାଆନ୍ତି। ଚୋରା ବ୍ୟବସାୟୀମାନେ ଛୋଟ ଛୋଟ ପ୍ୟାକେଟ୍ କରି ବିକ୍ରି କରୁଛନ୍ତି।

## ମଣ୍ଡିରୁ ଫେରୁଛି ଫନୀ ପ୍ରଭାବିତ ମୁଗ, ଚାଷୀ ନିରାଶ

ତିର୍ତ୍ତୋଲ,୧୮।୬(ଡି.ଏନ.ଏ.)

ବହୁବାର ଦାବି ପରେ ତିର୍ତ୍ତୋଲ ବ୍ଲକରେ ଖୋଲିଛି ମୁଗମଣ୍ଡି। ମାର୍କଫେଡ୍ ମାଧ୍ୟମରେ ସମବାୟ ସମିତି ଦ୍ୱାରା ଚାଷୀଙ୍କଠାରୁ ମୁଗ ସଂଗ୍ରହ ବ୍ୟବସ୍ଥା ହୋଇଛି। ତେବେ ଏହି ମଣ୍ଡିରେ ଫନୀ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ମୁଗ ଗ୍ରହଣ କରାଯାଉନାହିଁ। ଏହି ମୁଗର ମାନ ଠିକ୍ ନ ଥିବା ଦର୍ଶାଇ ଚାଷୀଙ୍କୁ ଫେରାଇ ଦିଆଯାଉଛି। ଫଳରେ ଫନୀ ପରେ ବହୁ କଷ୍ଟରେ ମୁଗ ଅମଳ କରିଥିବା ଚାଷୀମାନେ ମଣ୍ଡିରେ ମୁଗ ଦେଇ ନ ପାରି ହତାଶ ହୋଇଛନ୍ତି। ବହୁ ଚାଷୀଙ୍କ ପାଖରେ ୫ରୁ ୧୦ କୁଇଣ୍ଟାଲ ପର୍ଯ୍ୟନ୍ତ ମୁଗ ରହିଥିବାବେଳେ ସେମାନେ ଏହାକୁ ବିକ୍ରି କରିବାକୁ ନେଇ ଚିନ୍ତାରେ ପଡିଛନ୍ତି। ତେଣୁ ଚାଷୀମାନେ ବାହାର ବଜାରରେ ବିକିବାକୁ ବାଧ୍ୟ ହେଉଛନ୍ତି। ମଣ୍ଡିରେ ସରକାରୀ ଦର ମୁଗ କିଲୋ ପ୍ରତି ଟ ୬୯.୭୫ ପଇସା ରହିଛି। ଫନୀ ଦ୍ୱାରା ପ୍ରଭାବିତ ମୁଗ ଖୋଲା ବଜାରରେ ୩୦ଟଙ୍କାରୁ କମ୍ ଦରରେ ବିକ୍ରି ହେଉଛି। ଫଳରେ ମୁଗଚାଷୀମାନେ ଚଳିତବର୍ଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। କୃଷି ବିଭାଗ ତରଫରୁ ବାତ୍ୟାରେ କ୍ଷତିଗ୍ରସ୍ତ ମୁଗ ଫସଲ ଆକଳନ କରାଯାଇଥିଲେ ଅଦ୍ୟାବଧି କ୍ଷୟକ୍ଷତି ରିପୋର୍ଟ ପ୍ରକାଶ ପାଇନାହିଁ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳିବ କି ନାହିଁ ତାହାକୁ ନେଇ ଚାଷୀମାନେ ସନ୍ଦେହରେ ରହିଛନ୍ତି। ସରକାର ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ଫନୀରେ ପ୍ରଭାବିତ ମୁଗ କିଣିବା ଦିଗରେ ବିଚାର କରିବାକୁ ଦାବି ହେଉଛି। ଯଦି ସରକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତେ, ତେବେ ମୁଗଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଅଗପାଳରେ ରଜ ମହୋତ୍ସବ


ରଜ ମହୋତ୍ସବରେ ମଞ୍ଚାସୀନ ଅତିଥି।

କୁଜଙ୍ଗ,୧୮।୬(ସ୍ୱ.ପ୍ର.)

ଅଗପାଳ ପଞ୍ଚାୟତ କଳଦୀପ ଗ୍ରାମର ମଥୁରା ହାଟଠାରେ ମାଟି ମା' ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୨ୟ ବାର୍ଷିକ ଅଗପାଳ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ସନ୍ଧ୍ୟାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ରଜପର୍ବ ଭାରତବର୍ଷରେ ବିରଳ ବୋଲି କହିଥିଲେ। ବିଜେଡି ନେତା ଗତିକୃଷ୍ଣ ଶତପଥୀ, ଶିକ୍ଷାବିତ୍ ବିନୋଦ ବିହାରୀ ମୁଦୁଲି, କୁଜଙ୍ଗ ଜୋନ୍ ୧ର ଜିଲାପରିଷଦ ସଭ୍ୟା ନମିତା ପରିଡା, ରାହାମା ବଣିକ ସଂଘ ସମ୍ପାଦକ ସୁନାକର ବେହେରା, ବିପିନ କୁମାର ବିଶ୍ୱାଳ, ସୁକାନ୍ତ କୁମାର ମୁଦୁଲି, ପଙ୍କପାଳର ପୂର୍ବତନ ସମିତିସଭ୍ୟ ବାବୁଲି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାଟି ମା' ସାଂସ୍କୃତିକ ପରିଷଦର ସଭାପତି ରମାକାନ୍ତ ମଲିକ ସଭାପତିତ୍ୱ କରିଥିଲେ। ବଳରାମ ଦାଶ, ଦିବଂଗତ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ମହାପାତ୍ର, ଭାଗବତ ମଲ୍ଲ, ଶିକ୍ଷକ ଅନନ୍ତ ଚରଣ ଦାସଙ୍କୁ ଗୁରୁ ବଶିଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀଧର ମୁଦୁଲିଙ୍କୁ ଶୀଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦ ଉପସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ସୌଭାଗ୍ୟ ବିଶ୍ୱାଳ, ପିଙ୍କୁ ବେହେରା, ଗଣେଶ ବେହେରା, ପପୁଆ ବେହେରା, ବ୍ରହ୍ମାନନ୍ଦ ନାୟକ, ବାବୁ ବାରିକ, ଲକ୍ଷ୍ମୀପ୍ରିୟା ମଲ୍ଲ, ସୁମିତ୍ରା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

କେନ୍ଦ୍ରାପଡା ଅଫିସ, ୧୮।୬

ସହରର କାକଟ ଲକ୍‌ସ୍ଥିତ ଅନସୂୟା ପରିଡ଼ାଙ୍କ ୩ ବଖରା ନିଆଁ ଲାଗି ଜଳିଯାଇଛି। କେହି ଦୁର୍ବୃତ୍ତ ରାତିରେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ସୋମବାର ଅନସୂୟା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପୋଡିପାଉଁଶ ହୋଇଯାଇଛି।

■ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ସର୍ଭେକୁ ଗ୍ରାମବାସୀଙ୍କ ବିରୋଧ

# ବିନା ଅନୁମତିରେ କାର୍ଯ୍ୟ ନ କରିବାକୁ ନିଷ୍ପତ୍ତି

କୁଜଙ୍ଗ,୧୮।୬(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ଢିଙ୍କିଆ ଚାରିଦେଶରୁ ପୋସ୍କୋ ପ୍ରକଳ୍ପ ଫେରିଯିବା ପରେ ଅଞ୍ଚଳରେ ଏକ ପ୍ରକାର ସ୍ୱାଭାବିକ ପରିବେଶ ରହିଛି। ଏପରିକି ପରିସ୍ଥିତି ଶାନ୍ତ ଥିବାରୁ ଏଠାରେ ପଞ୍ଚାୟତ ନିର୍ବାଚନ ହେବାକୁଯାଉଛି। ପୋସ୍କୋ ପାଇଁ ଇଡ୍‌କୋ ପକ୍ଷରୁ ଅଧିଗୃହିତ ହୋଇଥିବା ପ୍ରାୟ ୨୦୦୦ ଏକର ଜମି ଲ୍ୟାଣ୍ଡବ୍ୟାଙ୍କ୍‌ରେ ରଖାଯାଇଥିବା ବେଳେ ଏହି ଜମିରେ ଜେଏସ୍‌ଡବ୍ଲ୍ୟୁ ଏକ ପ୍ରକଳ୍ପ କରିବାକୁ ଯାଉଛି। ନିର୍ବାଚନ ପାଇଁ ଏହି କାମ ଆଗକୁ ବଢିପାରୁ ନ ଥିବାବେଳେ ଗତ ସପ୍ତାହରେ ନୂଆଗାଁ ସୀମାରେ କେତେକ କର୍ମଚାରୀ ସର୍ଭେ କରୁଥିଲେ। ତେବେ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ସର୍ଭେ ଯନ୍ତ୍ରପାତି ଛଡାଇ ରଖିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ନୂଆଗାଁସ୍ଥିତ ସିଦ୍ଧଗୁମ୍ଫା ଆଶ୍ରମରେ ବାଲସାହି ଓ ନବେ ଘର ଗ୍ରୁପ୍ ମଧ୍ୟରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିନା ଅନୁମତିରେ କମ୍ପାନୀ କର୍ମଚାରୀ ଅଞ୍ଚଳରେ ପ୍ରବେଶ କରିବେନି କି କୌଣସି କାର୍ଯ୍ୟ କରିବେନି ବୋଲି ଏକ ମିଳିତ ରାଜିନାମା ସ୍ୱାକ୍ଷର କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ପୋସ୍କୋ ସମୟରେ କମ୍ପାନୀ ଓ ପ୍ରଶାସନ ନେଇଥିବା ଶ୍ରମିକଙ୍କୁ ଭତ୍ତା କିମ୍ବା ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଆଜି ପର୍ଯ୍ୟନ୍ତ ଦିଆଯାଇନାହିଁ। ଏଭଳି ସ୍ଥିତିରେ ଅଞ୍ଚଳବାସୀଙ୍କୁ ନ ଜଣାଇ ଜେଏସ୍‌ଡବ୍ଲ୍ୟୁ କିପରି ସର୍ଭେ କଲା ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ବୈଠକରେ ଅଜିତ୍ ପ୍ରସାଦ ରାଉତ ଅଧ୍ୟକ୍ଷତା କରିଥିଲେ। କମ୍ପାନୀର ମାନବ ସମ୍ବଳ ଅଧିକାରୀ ସୁବାସ ଚନ୍ଦ୍ର ପାଣି, ନାରାୟଣ ଜେନା, ଉପେନ୍ଦ୍ର ଦାସ, ରଞ୍ଜନ ବାରିକ, ପ୍ରଶାନ୍ତ ବାରିକ, ଆଲୋକ ଭୂୟାଁ, ବିପିନ ବିହାରୀ ପ୍ରଧାନ, ବିଭୂ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଚୁକ୍ତି ସ୍ୱାକ୍ଷର କରାଯାଉଛି।

■ ଅଗ୍ନିବିପନ୍ନଙ୍କୁ ମିଳୁନି ସରକାରୀ ସହାୟତା

# ଗୋଟିଏ ଘରେ ଗାଈ-ମଣିଷ

ନାଉଗାଁ,୧୮।୬(ସ୍ୱ.ପ୍ର.)

ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଭାସିଆକୁଦ ଗ୍ରାମର ବଟକୃଷ୍ଣ ଜେନା। ପରିବାର କହିଲେ ସ୍ତ୍ରୀ, ପିଲାଛୁଆ ଓ ଭାଇ କେଦାର, ଭାଉଜ ଓ ସେମାନଙ୍କ ପିଲାଛୁଆ ମିଶି ୧୪ ଜଣ। ୨ ଭାଇ ଗାଈ ରଖି ନିଜ ଗୁଜୁରାଣ ମେଣ୍ଟାଉଥିଲେ। ବଟକୃଷ୍ଣଙ୍କ ଜଣେ ଭଉଣୀ ଜନ୍ମରୁ ଦୃଷ୍ଟିହୀନ ହୋଇଥିବାରୁ ସେ ଭାଇଙ୍କ ସହ ରହୁଛନ୍ତି। ସେହିପରି ବଟକୃଷ୍ଣଙ୍କ ଝିଅ ମଧ୍ୟ ଭିନ୍ନକ୍ଷମ। ଯୌଥ ପରିବାର ସାଙ୍ଗକୁ ୨ ଭିନ୍ନକ୍ଷମଙ୍କୁ ନେଇ ଚଳିବା କଷ୍ଟକର ହେଉଛି। ଏଭଳି ସ୍ଥିତିରେ ଦୁର୍ଭାଗ୍ୟବଶତଃ ଗତ ମେ ୨୪ରେ ତାଙ୍କ ୬ବଖରା ଘର ପୋଡ଼ିଗଲା। ଦିନ ଦି'ପହରେ କିପରି ନିଆଁ ଲାଗିଲା ତାହା ଏବେ ମଧ୍ୟ ବୁଝିପାରୁନାହାନ୍ତି ବଟକୃଷ୍ଣ। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିବା ବେଳକୁ ଘର ମଧ୍ୟରେ ଆଉ କିଛି ଜିନିଷପତ୍ର ନ ଥିଲା। ଘର କରଣା ଜିନିଷ ସହ କାଠ ସାମଗ୍ରୀ, ବର୍ଷକର ଧାନ, ଚାଉଳ ଆଦି ପୋଡ଼ି ନଷ୍ଟ ହୋଇଯାଇଥିଲା। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବାବେଳେ ଯେଉଁ ଝୁପୁଡ଼ି ଖଣ୍ଡିଏ ଥିଲା ତାହା ମଧ୍ୟ ୨ ଦିନ ପରେ ପୋଡ଼ିଗଲା। ଗାଁ ଲୋକେ ଏହାକୁ ଭୌତିକ କାଣ୍ଡ ଭାବି ଭୟଭୀତ ହୋଇପଡିଥିଲେ। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଗଲା। ମାତ୍ର ବର୍ତ୍ତମାନ ବଟକୃଷ୍ଣଙ୍କ ଅବସ୍ଥା ନ କହିବା ଭଲ। ଅଦ୍ୟାବଧି ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିବାବେଳେ ଘର ପାଇଁ ସେ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ୨ ଭାଇଙ୍କ ମଧ୍ୟରୁ ବଟକୃଷ୍ଣଙ୍କୁ ଗୋଟିଏ ଇନ୍ଦିରା ଆବାସ ମିଳିଥିବାବେଳେ ୧୪ ପ୍ରାଣୀ ଗୋଟିଏ ଘରେ ରହିବା ସମ୍ଭବ ନୁହେଁ। ତେଣୁ ଝାଟିମାଟି ଘରେ ଗୋଟିଏ ପାର୍ଶ୍ୱରେ ଗାଈ ରଖିଥିବାବେଳେ ଅନ୍ୟ ପାର୍ଶ୍ୱରେ ରୋଷେଇ କରୁଛନ୍ତି। ରୋଷେଇ ସରିବା ପରେ ସେଇଠାରେ ଶୋଉଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ବଟକୃଷ୍ଣଙ୍କ ଚିନ୍ତା ବଢିଯାଇଛି। ଗାଈ ବାଛୁରୀଙ୍କ ସହ ଗୁହାଳ ଘରେ

ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ଏହି ପରିବାର ବାଧ୍ୟ ହେଉଛନ୍ତି। ତେଣୁ ସରକାରୀ ସାହାଯ୍ୟ କିଛି ମିଳିଲେ ହୁଏତ ଆଉ ଖଣ୍ଡେ ଘର କରିପାରନ୍ତେ ବୋଲି ସେ ପ୍ରକାଶ କରିଛନ୍ତି। ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ୨ ଭାଇଙ୍କ ଦୁଃଖ ସେତିକିରେ ସରିନାହିଁ। ଝିଅ ନିୟତି ଜେନାଙ୍କୁ ଭିନ୍ନକ୍ଷମ ଚିହ୍ନଟ ଶିବିରରେ ୧୯ ନଭେମ୍ବର ୨୦୧୩ରେ ଶତକଡ଼ା ୪୫ ପ୍ରତିଶତ ଭିନ୍ନକ୍ଷମ ଥିବା ପ୍ରମାଣପତ୍ର ମିଳିଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ଭିନ୍ନକ୍ଷମ ଭତ୍ତା ପାଇଁ ୬ ମାସ ହେଲା ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭତ୍ତା ମିଳିନି। ନିଜେ ଚାଲିପାରୁ ନ ଥିବାରୁ ବିଭିନ୍ନ ସ୍ଥାନରେ ପଡି ଖଣ୍ଡିଆ ଖାବରା ହୋଇଛନ୍ତି। ଅର୍ଥାଭାବରୁ ଝିଅକୁ ଡାକ୍ତରଖାନା ନେଇପାରୁ ନ ଥିବା କହିଛନ୍ତି ବଟକୃଷ୍ଣ। ତେଣୁ ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁଙ୍କୁ ପଚାରିବାରେ ଯଦି ସେ ଆବେଦନ କରିଥିବେ ତେବେ ତାଙ୍କୁ ଯଥାଶୀଘ୍ର ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ହେବ ବୋଲି କହିଛନ୍ତି।

■ ଅଗ୍ନିକାଣ୍ଡରେ ପୋଡ଼ିଗଲା ୬ ବଖରା
■ ଭିନ୍ନକ୍ଷମ ଝିଅକୁ ମିଳିନି ଭତ୍ତା



ପରିବାର ଲୋକଙ୍କ ସହ ବଟକୃଷ୍ଣ ଜେନା।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ୱର୍ଣ୍ଣଲତା ସାହୁ**
ସ୍ୱାମୀ– ସ୍ୱର୍ଗତ ଯୋଗେନ୍ଦ୍ର ମୋହନ ସାହୁ
ପ୍ଲଟ ନମ୍ବର ୧୮୨/୫୪୮
ଜୟଦୁର୍ଗା ନଗର, ଭୁବନେଶ୍ୱର
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆଜି ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୩୦୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରୋହିଣୀ ସୁଆର**
ତିରୋଧାନ: ଆଷାଢ଼ କୃଷ୍ଣ ଦ୍ୱିତୀୟା
ସ୍ଥାନ: ଇବ୍‌ନଗର, ସୁନ୍ଦରଗଡ଼
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତଥାପି ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପ୍ରେରଣା ଆମପାଇଁ ମାର୍ଗ ଦର୍ଶକ ହୋଇ ରହିଛି ଓ ରହିବ ମଧ୍ୟ। ଆଜିର ଏହି ୧ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:- ପୁତ୍ର: ଅଭିମନ୍ୟୁ, ଗୋବିନ୍ଦ, ପୁତ୍ରବଧୂ: କୁମୁଦିନୀ, ସୂର୍ଯ୍ୟକାନ୍ତି, ଝିଅ: ମାହେଶ୍ୱରୀ, ସୁଷମା, ମମତା, ଜ୍ୱାଇଁ: ମଧୁସୂଦନ, ନରସିଂହ, ସରୋଜ, ନାତି: ପ୍ରମୋଦ, ପ୍ରଦୀପ, ପ୍ରତାପ, ଶ୍ରୀକାନ୍ତ, ଶ୍ରୀନିବାସ, ପ୍ରଶାନ୍ତ, ବିଶ୍ୱନାଥ, ରିଚାର୍ଡ ବେହାୟନ, ପୁଣ୍ୟଶ୍ଳୋକ, ନାତୁଣୀ: ମୀରା, ନିବେଦିତା, ଶୁଭଶ୍ରୀ, ବାଣିଶ୍ରୀ, ଭାଗ୍ୟଶ୍ରୀ।
ଧ-୧୩୦୨୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମନୋରମା ମିଶ୍ର (ମଣି)**
ଏ.ଏଲ୍-୭୩, ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭
ଆବିର୍ଭାବ: ୨୭।୦୮।୧୯୪୭
ତିରୋଧାନ: ୧୧।୦୬।୨୦୧୭
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୯୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ ଶ୍ରୀ ମଦନ ମୋହନ ପ୍ରଧାନ (ଟିକନ)**
(ବଡଗଡ, ଭୁବନେଶ୍ୱର)
ଆବିର୍ଭାବ - ୨୦.୦୫.୧୯୫୧
ତିରୋଧାନ - ୦୯.୦୬.୨୦୧୯
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ- ପପୁ, ଅପୁ, ଝିଅ- ପିଙ୍କି ଓ ପରିବାରବର୍ଗ
ଧ-୬୬୫୬୮

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରତ୍ନମାଳୀ ସିଂହ ସାମନ୍ତ (ବାଙ୍କତରା ବଡ଼ ମଣିମା)**
ସ୍ଥାନ: ରବିପ୍ରଭା, ଓଡ଼ଗାଁ (ନୟାଗଡ଼)
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୧୦।୦୬।୨୦୧୯
ଦୀର୍ଘ ବର୍ଷର ସ୍ନେହ ସମ୍ପର୍କ ତୁଟାଇ, ଆମ୍ଭମାନଙ୍କ ଉପରେ ଅଭିମାନ କରି ତୁମେ ଆରପାରିକୁ ଚାଲିଗଲ। ଜ୍ୟୋତିର୍ବିଦ୍, ପଠାଣି ସାମନ୍ତଙ୍କ ଉତ୍ତର ଦାୟଦ ରୂପେ ତୁମର କର୍ମ ପ୍ରେରଣା, ଧୈର୍ଯ୍ୟ, ସହନଶୀଳତା, ଜ୍ଞାନ, ଗୁଣ, ଗରିମା, ସରଳତା ଓ ନିଷ୍କପଟତା ଆମ୍ଭମାନଙ୍କର ଚିର ସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସାମନ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ (ପୁତ୍ର, ପୁତ୍ରବଧୂ, କନ୍ୟା, ପୌତ୍ର, ପୌତ୍ରୀ, ପ୍ରପୌତ୍ର ବଧୂ, ପ୍ରପୌତ୍ର ଓ ପ୍ରପୌତ୍ରୀ)
ଧ-୧୩୦୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଦୀପ୍ତ କୁମାର ମହାନ୍ତି**
୨୯– ସୂର୍ଯ୍ୟନଗର, ଭୁବନେଶ୍ୱର–୦୩
ଆବିର୍ଭାବ: ୦୩।୦୬।୧୯୫୨
ତିରୋଧାନ: ୦୯।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୨୯୯୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମନସ୍ୱିନୀ ସାହୁ (ବୁନୁ)**
ବାଛାରାପାଟଣା, ଜଟଣୀ
ଆବିର୍ଭାବ: ୦୫।୦୪।୧୯୯୨
ତିରୋଧାନ: ୧୯।୦୬।୨୦୧୩
ମା' ବୁନୁ କାଲି ପରି ଲାଗୁଛି- ଦେଖୁ ଦେଖୁ ଛଅ ବର୍ଷ ବିତିଗଲା- ତୋ ବିନା ସତେ ସବୁକିଛି ଅଧୁରା- ଗୋଟିଏ ବି ଦିନ ବିତିନାହିଁ- ଯେଉଁଦିନ ତୋ କଥା ମନେପଡି ନାହିଁ- ତୋର ଆବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜି ବି ଅସହ୍ୟ। ପ୍ରଭୁ କାଳିଆ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ତୋର ମା' କନକ, ଜେଜେମା, ଦାଦା, ଖୁଡ଼ୀ, ସୋନୁ, ରୀନୁ, ଗଣ୍ଟୁ ଓ ପ୍ରିୟର ମଣିଷା।
ଧ-୧୩୦୨୩

**ଏକାଦଶାହ ଉପଲକ୍ଷେ**
ତା.୧୯।୦୬।୨୦୧୯(ବୁଧବାର)



**୰ସମରେନ୍ଦ୍ର କର (ସମୀର)**
ଆବିର୍ଭାବ: ୧୪।୧୨।୧୯୬୬
ତିରୋଧାନ:୦୯।୦୬।୨୦୧୯
ସାଲେପୁର, କଟକ
ତୁମର ଅନୁପସ୍ଥିତ ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ରବିନ୍ଦ୍ର ନାଥ କର, ନବକିଶୋର କର, ପ୍ରଦୀପ୍ତ କୁମାର କର, ପ୍ରଶାନ୍ତ କୁମାର କର, ସିଚ୍ଛୁ, ସଙ୍ଗୁ, ଶିଲ୍ଲୁ, ଗୌତମ, କିଟ୍ଟୁ, ସତ୍ୟମ୍, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୩୭

**ସଂକ୍ଷେପରେ**

## ରାଜନଗରରେ ଝାଡ଼ାବାନ୍ତି : ୩ ଦିନରେ ୫୦ ଆକ୍ରାନ୍ତ



**ରାଜନଗର,୧୮।୬(ଡି.ଏନ.ଏ.):** ଗତ କିଛି ଦିନ ହେବ ରାଜନଗର ଅଞ୍ଚଳରେ ଝାଡାବାନ୍ତି ରୋଗର ପ୍ରକୋପ ଦେଖାଦେଇଛି। ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩ ଦିନରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ସୋମବାର ୧୫ ଜଣ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଭର୍ତ୍ତି ହୋଇଥିଲେ । ମଙ୍ଗଳବାର ବାଘତୈଳା ଗାଁର ପାର୍ବତୀ ଜେନା (୪୦) ନଳପାହିର ସବିତା ବିଶ୍ୱାଳ (୩୪), ରିଘାଗଡ ଗାଁର ସବିତା ବେହେରା (୩୨), କୁରଣ୍ଟିର ପାଞ୍ଚାଳି ସ୍ୱାଇଁ,(୪୫ ), ହଂସୁଆର ସଙ୍ଗୀତା ରାଉତ (୧୯), ବାଲିପାଟଣାର ପବିତ୍ର କର (୨୨), ମହିଷାସୁରର ରଞ୍ଜିତା ଜେନା (୩୦), ଗହ୍ମାଶିଖର ଗ୍ରାମର ଜୟନ୍ତୀ ରାଉତ (୩୮) ଚକ୍ରଧରପୁରର ଲକ୍ଷ୍ମୀପ୍ରିୟା ପ୍ରଧାନ (୪୮), କୋଇଲିପୁର ଗ୍ରାମର ପ୍ରଭାସିନୀ ମଲ୍ଲିକ (୩୫), ହରିପୁରର ଅନସୂୟା ମଲ୍ଲିକ (୨୦), ନଗଡର କଳ୍ପନା ଦାସ (୨୩)ଙ୍କ ସମେତ ବହୁ ରୋଗୀ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏହାଛଡା କେତେକ ରୋଗୀ ମେଡିସିନ ନେଇ ଘରକୁ ଫେରିଛନ୍ତି। ତୁରନ୍ତ ଝାଡାବାନ୍ତି ବ୍ୟାପିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ସତ୍ୟନାରାୟଣ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ରଜ ପାଲା



**ପଟ୍ଟାମୁଣ୍ଡାଇ, ୧୮।୬ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ବାଲିପଡାର ଶ୍ରୀ ସତ୍ୟ ନାରାୟଣ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ବାର୍ଷିକ ରଜ ପାଲା ରଜ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ୧୯୩୦ ମସିହାରେ ଗ୍ରାମର ବରିଷ୍ଠ ନାଗରିକମାନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ରଜ ପାଲା ଦୀର୍ଘ ୮୮ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । ପୂଜା କମିଟିର ସଭାପତି କୈଳାଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, କୃପାସିନ୍ଧୁ ବିଶ୍ୱାଳ, ଦିଲିପ ରାଉତରାୟ, ମନୋରଞ୍ଜନ ତ୍ରିପାଠୀ, ଦୂର୍ଯୋଧନ ପରିଡା, ଉମେଶ ଚନ୍ଦ୍ର ପରିଡା ପ୍ରମୁଖ ଚଳିତବର୍ଷ ରଜ ପାଲା ଆୟୋଜନ କରିଥିଲେ । ବାଲିପଡା ଗ୍ରାମବାସୀଙ୍କ ସହଯୋଗରେ ଢେଙ୍କାନାଳ ଜିଲା କାଣ୍ଡବିନ୍ଧା ଅଞ୍ଚଳର ପାଲା ଗାୟିକା ମନୋରମା ସାହୁ, ଶ୍ରୀପାଳିଆ ତପନ ସାହୁ, ଗାୟକ ସୁକାନ୍ତ ବେହେରା ଓ ସାଥୀମାନେ ଗତ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ଗ୍ରାମରେ ପାଲା ପରିବେଷଣ କରି ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲେ ।

■ ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

# ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡା ଅଫିସ, ୧୮।୬**

ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା । ୫ ତାରିଖରେ ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମତାଳଧ୍ୱଜ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିବେ। ରଥଯାତ୍ରକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାସ୍ତା ନିର୍ମାଣ, ଜବରଦଖଲ ହଟାଇବା, ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତର, ଜଳ ଓ ପରିମଳ ବ୍ୟବସ୍ଥା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ୧୫ ଦିନ ମଧ୍ୟରେ ରଥଦାଣ୍ଡରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଶେଷ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯାତାୟାତ ଏକ ସମସ୍ୟା ହୋଇଥିବାରୁ ଟ୍ରାଫିକ ସୁପରିଚାଳନା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ଏଏସ୍‌ପି ଅରୁଣ କୁମାର ଜେନା ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା, ନିଶା ନିବାରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।



ବୈଠକରେ ବିଧାୟକ ଶଶିଭୂଷଣ ବେହେରା, ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଓ ଅନ୍ୟମାନେ।

ସେହିପରି ରଥରେ ଠାକୁର ଦର୍ଶନ ସମୟରେ ଭିଡ଼ ନିୟନ୍ତ୍ରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ରଥ ଉପରେ ୭୦ ଜଣ ସେବାୟତ ରହିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ୧୭ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ପାଇଁ ବ୍ୟୟ ଅଟକଳ କରାଯାଇଛି। ତେବେ ରଥଯାତ୍ରାରେ ଆବଶ୍ୟକ ଖର୍ଚ୍ଚ ଭରଣା ପାଇଁ ଶ୍ରଦ୍ଧାଳୁମାନେ ଦେବୋତ୍ତର ସଂସ୍ଥାରେ ସହାୟତା ରାଶି ପ୍ରଦାନ କରିପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ରଥ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଟ୍ରଷ୍ଟି ଧୀରେନ ସାହୁ, ବିଭିନ୍ନ ବିଭାଗୀୟ ଅଧିକାରୀ, ମନ୍ଦିର ସେବାୟତ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

■ ଅଣସର ଘରେ ଶ୍ରୀବଳଦେବଜୀଉ

# ପଟିଦିଅଁ ପୂଜା ଆରମ୍ଭ



ପୂଜା ମଣ୍ଡପରେ ପୂଜା ପାଉଥିବା ପଟିଦିଅଁ।

**କେନ୍ଦ୍ରାପଡ଼ା ଅଫିସ, ୧୮।୬**

ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ଦେବସ୍ନାନ ଓ ଗଜ ବେଶ ଧାରଣ ପରେ ସୋମବାର ରାତିରେ ଅନବସର ଗୃହକୁ ଗମନ କରିଛନ୍ତି। ଏହି ଅବସରରେ ଇଚ୍ଛାପୁରସ୍ଥିତ ଶ୍ରୀଜୀଉଙ୍କ ମନ୍ଦିରର ଭୋଗ ମଣ୍ଡପଠାରେ ପଟିଦିଅଁ ସ୍ଥାପନା ହେବା ସହ ପାରମ୍ପରିକ ପୂଜା ରୀତିନୀତି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପଟିଦିଅଁ ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଦିବସର ପୂର୍ବ ରାତି ପର୍ଯ୍ୟନ୍ତ ପୂଜା ପାଇବେ ବୋଲି ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତ।

ତାଙ୍କ ସୂଚନା ଅନୁଯାୟୀ, ଶ୍ରୀଜୀଉମାନେ ଅନବସର ଗୃହକୁ ଯିବା ପରେ ଦୋବୋତ୍ତର କାର୍ଯ୍ୟାଳୟରେ ପ୍ରତ୍ୟେହ ପୂଜା ପାଉଥିବା ପଟିଦିଅଁଙ୍କୁ ପୂଜାପଣ୍ଡାମାନେ ସ୍ଥାପନା କରିଥିଲେ। ଏଥିସହ ପଟିଦିଅଁଙ୍କୁ ମହାସ୍ନାନ, ସନ୍ଧ୍ୟାଆଳତି, ରାତ୍ର ଧୂପ ଆଦି ଲାଗି ହୋଇଥିଲା। ମଙ୍ଗଳବାର ପ୍ରତ୍ୟୁଷରେ ମନ୍ଦିରର ପହୁଡ଼ ଖୋଲିବା ପରେ ପଟିଦିଅଁ ଦର୍ଶନ ପାଇଁ ସାହାଣ ମେଳା ହୋଇଥିଲା।

■ ପାଟକୁରାରେ ବଢୁଛି ରାଜନୈତିକ ତାତି

# ଚାଲିଛି ପ୍ରଚାର ଲଢ଼େଇ, ପଛରେ କଂଗ୍ରେସ

**ଡେରାବିଶ, ୧୮।୬ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନକୁ ନେଇ ଏବେ ବି କଳ୍ପନାଜଳ୍ପନା ଲାଗି ରହିଛି। ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବା ବେଳେ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟ ଜୋରଦାର ଚଳାଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ପାଟକୁରା ନିର୍ବାଚନମଣ୍ଡଳୀ ଗସ୍ତ କରିବା ପରେ ସରଗରମ ହୋଇଛି ରାଜନୈତିକ ମାହୋଲ। ବିଭିନ୍ନ ଦଳ ପକ୍ଷରୁ ସଭା, ସମ୍ମିଳନୀ କରାଯାଇ ନିର୍ବାଚନ ରଣନୀତି ପ୍ରସ୍ତୁତ କରାଯାଉଛି। ବିଜେଡି, ଭାଜପା ପକ୍ଷରୁ ପ୍ରଚାର ଜୋରଦାର ଚାଲିଥିବା ବେଳେ କଂଗ୍ରେସ ପଛରେ ପଡ଼ିଯାଇଛି।

ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ବିଭିନ୍ନ ପଞ୍ଚାୟତରେ କର୍ମୀ ସମ୍ମିଳନୀର ଆୟୋଜନ କରି ପ୍ରାର୍ଥୀଙ୍କୁ ଉତ୍ସାହିତ କରୁଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତରେ ଦଳୀୟ ପର୍ଯ୍ୟବେକ୍ଷକମାନେ ପହଞ୍ଚି କର୍ମୀ ସମାବେଶ ଆୟୋଜନ କରିବା ସହ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି। ନିକଟରେ ଡେରାବିଶ ବ୍ଲକ ଅଧୀନ ଛତାଠାରେ ଆୟୋଜିତ ବିଜେଡିର କର୍ମୀ ସମାବେଶରେ କଂଗ୍ରେସର ବରିଷ୍ଠ ନେତା ଅଭିମନ୍ୟୁ ରାଉତ ଓ ତାଙ୍କର ଶତାଧିକ ସମର୍ଥକ ଦଳୀୟ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଏହି ସମ୍ମିଳନୀରେ ବିଜେଡି ପ୍ରାର୍ଥୀ ଅଗ୍ରୱାଲ ଯୋଗଦେଇ ଅଭିମନ୍ୟୁଙ୍କୁ ସ୍ୱାଗତ କରିଥିଲେ। ଅନ୍ୟପଟେ ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପୁଅ ସଞ୍ଜୟ, ଝିଅ ମଧୁମିତା ଓ ବ୍ଲକ ବିଜେଡି ସଭାପତି ଡେରାବିଶ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ବିଜେଡି ପ୍ରାର୍ଥୀ ସାବିତ୍ରୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ସହରସ୍ଥିତ ବଳଦେବଜୀଉ ମନ୍ଦିର ଗସ୍ତ କରିବା ପରେ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି।

ପ୍ରଚାର କାର୍ଯ୍ୟରେ ବିଜେଡି ସହ ସମାନ ରହିଛି ଭାଜପା। ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ସମର୍ଥକଙ୍କ ସହ ଜୋରଦାର ପ୍ରଚାର ଚଳାଇଥିବା ବେଳେ ପହିଲି ରଜରେ ଭୁବନେଶ୍ୱର ଏମ୍‌ପି ତଥା ପୂର୍ବତନ ଆଇଏସ୍ ଅପରାଜିତା ଷଡ଼ଙ୍ଗୀ ବିଜୟଙ୍କ ପାଇଁ ପାଟକୁରାରେ ପ୍ରଚାର କରିଥିଲେ। ଏଥିସହ ବିଜୟ ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମର ଆୟୋଜନ କରି ଭୋଟରଙ୍କ ନିକଟତର ହେଉଥିବା ଦେଖାଯାଉଛି।

■ ସଖୀବଟରେ ବିଜେଡିର କର୍ମୀ ସମ୍ମିଳନୀ

# କର୍ମୀମାନେ ଦଳ ପାଇଁ କାମ କରିବାକୁ ଆହ୍ୱାନ

**ମାର୍ଶାଘାଇ,୧୮।୬ (ଡି.ଏନ୍.ଏ.)**



କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡିର ନେତୃବୃନ୍ଦ।

ପାଟକୁରା ନିର୍ବାଚନମଣ୍ଡଳୀରେ ମାର୍ଶାଘାଇ ବ୍ଲକର ୭ ଗୋଟି ପଞ୍ଚାୟତ ରହିଛି । ସେଥିମଧ୍ୟରୁ ଆଇତିପୁର ପଞ୍ଚାୟତର ଗୁପ୍ତକ୍ଷେତ୍ର ସଖୀବଟ ପରିସରରେ ମଙ୍ଗଳବାର ବିଜେଡି ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଇତିପୁର ପଞ୍ଚାୟତର ବିଜେଡି ସଭାପତି ବାସୁଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପର୍ଯ୍ୟବେକ୍ଷକ ତଥା ପୂର୍ବତନମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ପଞ୍ଚାୟତର ପ୍ରତ୍ୟେକ କର୍ମୀ ୪ ଜଣ ଭୋଟରଙ୍କୁ ମନାଇଲେ ପଞ୍ଚାୟତରେ ଆମେ ୩ ହଜାର ଭୋଟ ଆଗରେ ରହିବା । ଏହାକୁ ଦୃଷ୍ଟିରେ ରଖି କର୍ମୀମାନେ ଦଳ ପାଇଁ କାମ କରିବାକୁ ସେ କହିଥିଲେ । ଆଗାମୀ ଦିନରେ ଏହି ତ୍ରିକୋଣ ଭୂମି ଅଞ୍ଚଳରେ ପୋଲ ,ରାସ୍ତାଘାଟ ନିର୍ମାଣ କରାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହି ସେ ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା କରିଥିଲେ ।

ମହାକାଳପଡା ବିଧାୟକ ତଥା ୭ ପଞ୍ଚାୟତର ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଲେ ଯେ, ପାଟକୁରା ନିର୍ବାଚନମଣ୍ଡଳୀରେ ଏକପାଖିଆ ନିର୍ବାଚନ ହୋଇ ଜଣେ ବିଧାୟକ ନିର୍ବାଚିତ ହେବେ ତାହା ନିଶ୍ଚିତ ହୋଇଯାଇଛି । ବିଜେଡି ଏହି ନିର୍ବାଚନରେ ୫୦ ହଜାର ଭୋଟ ବ୍ୟବଧାନରେ ଜିତିବ ବୋଲି ଆଶାବାଦୀ ଥିବା ସେ କହିଥିଲେ । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କହିଥିଲେ ୨୦୦୦ ମସିହାରେ ନବୀନ ବାବୁ ବିରୋଧୀଙ୍କୁ ଉଚିତ୍ ଶିକ୍ଷା ଦେଇଥିବାରୁ ସେ ଆଜି ପର୍ଯ୍ୟନ୍ତ ସଳଖି ଛିଡା ହୋଇ ପାରୁନାହାନ୍ତି । ମୟୂରଭଞ୍ଜ ଜିଲା ବିଜେଡି ସଭାପତି ଡ. ଦେବାଶିଷ ମାରାଣ୍ଡି ଯୋଗଦେଇ କହିଥିଲେ ପାଟକୁରା ମାଟିରୁ ଯେଉଁ ସଂଗଠନ ଆରମ୍ଭ ହୁଏ ତାହା ସଫଳ ହୋଇଥାଏ । ଉପସ୍ଥିତ ମହିଳାମାନଙ୍କୁ ଲକ୍ଷ୍ୟ କରି ସେ କହିଥିଲେ ମାଆ ଭଉଣୀମାନଙ୍କର ଆଶୀର୍ବାଦ ଯୋଗୁ ବିଜେଡି ବିଜୟ ଲାଭ କରିଛି । ଏହି ନିର୍ବାଚନରେ ମଧ୍ୟ ଆମେ ନବୀନ ବାବୁଙ୍କ ସାରଥି ହୋଇ ପାଟକୁରା ବିଧାୟକ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ଜିତାଇବା ପାଇଁ ଲାଗି ପଡିବା । ଜିଲା ବିଜେଡି ଉପସଭାପତି ପ୍ରମୋଦ କୁମାର ରଥ କହିଥିଲେ ଯେ, ଅତୀତରେ ବେଦୁବାବୁଙ୍କ ନେତୃତ୍ୱରେ ପାଟକୁରା ଅଞ୍ଚଳରେ ବିକାଶ ହୋଇଥିଲା । ବର୍ତ୍ତମାନ ତାଙ୍କ ସ୍ତ୍ରୀ ସାବିତ୍ରୀ ଦେବୀ ଏହି ବିକାଶ ଧାରାକୁ ବଜାୟ ରଖିବେ । ଏଣୁ ସମ୍ମିଳନୀରେ ଉପସ୍ଥିତ ଥିବା କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାଆ ଭଉଣୀମାନଙ୍କୁ ସାବତ୍ରୀ ଦେବୀଙ୍କୁ ଜିତାଇବା ପାଇଁ ନିବେଦନ ଥିଲେ । ପାଟକୁରା ବିଧାୟକ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଦିବଂଗତ ସ୍ୱାମୀ ବେଦପ୍ରକାଶ ଅଗ୍ରୱାଲଙ୍କ ଅଧୁରା ସ୍ୱପ୍ନକୁ ସଫଳ କରିବା ପାଇଁ ସମସ୍ତଙ୍କର ଆଶୀର୍ବାଦ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା,ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ସଖୀବଟ ଉନ୍ନୟନ ପରିଷଦର ସଭାପତି ନିରଞ୍ଜନ ସାହୁ ,ମେଜର ଭରତ ଚରଣ ଜେନା,ଆଶୁତୋଷ ପାତ୍ର, ଆପଟ ସାମଲ, ଶ୍ରୀକାନ୍ତ ସାମଲ ,ଚଗଲା ବିଶ୍ୱାଳ, ବୈଷ୍ଣବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଯୁବନେତା ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ଦୋକାନ ଉଚ୍ଛେଦ ପାଇଁ ଦାବି

**ରାଜନଗର,୧୮।୬(ଡି.ଏନ.ଏ.)**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳଠାରେ ଠିପିବନ୍ଦ ବିଦେଶୀ ମଦ ଦୋକାନ ଓ ବାଉଁଶମୂଳଠାରେ ଠିପିଖୋଲା ବିଦେଶୀ ମଦ ଦୋକାନ ରହିଛି। ଏହି ଦୁଇଟି ମଦଦୋକାନ ଶିକ୍ଷାନୁଷ୍ଠାନ ଓ ବଜାର ମଧ୍ୟରେ ରହିଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ମହିଳାମାନେ ଚେତାବନୀ ଦେଇଛନ୍ତି। ଦୀର୍ଘ ୧ ବର୍ଷ ହେଲା ମହିଳାମାନେ ଏ ନେଇ ଆନ୍ଦୋଳନ କରି ଆସୁଛନ୍ତି। ଫଳରେ ଦୁଇଟି ମଦଦୋକାନର ମାଲିକ ଗତ ୩୧ ମାର୍ଚ୍ଚ ସୁଦ୍ଧା ଅନ୍ୟତ୍ର ଦୋକାନ ଉଠାଇ ନେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେମାନେ ମଦ ଦୋକାନ ଉଠାଇ ନ ଥିବାରୁ ଅସନ୍ତୋଷ ଲାଗି ରହିଛି । ମହିଳାଙ୍କ ବାରମ୍ବାର ଦାବି ପରେ ଅବକାରୀ କମିଶନର ଗତ ମାର୍ଚ୍ଚ ୧୩ ତାରିଖରେ ଜରିମୂଳ ମଦଦୋକାନ ସ୍ଥାନାନ୍ତର କରିବାକୁ ଜିଲାପାଳଙ୍କୁ ଚିଠି କରିଥିଲେ। ମାତ୍ର ଅବକାରୀ କମିଶନରଙ୍କ ଚିଠିର ୩ ମାସ ପରେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ । ମଙ୍ଗଳବାର ମା' ମଙ୍ଗଳା ମିଶନ ଶକ୍ତି ଫେଡେରେଶନର ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ସଂପାଦିକା ସୁମିତ୍ରା ପାଣିଙ୍କ ନେତୃତ୍ୱରେ ମହିଳାମାନେ ଜିଲାପାଳଙ୍କୁ ଭେଟି ମଦ ଦୋକାନ ଉଠାଇ ନେବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୨୦ ତାରିଖ ଠାରୁ ଜରିମୂଳର ମଙ୍ଗଳା ଛକ ନିକଟରେ ମହିଳାମାନେ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

## ବଜ୍ରପାତରେ ୨ ଆହତ

**ରାଜନଗର,୧୮।୬(ଡି.ଏନ.ଏ.)**

ମଙ୍ଗଳବାର ଅପରାହ୍ନରେ ବଜ୍ରପାତରେ କେରଡାଗଡ ଗାଁର ୨ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, ଏହି ଗାଁର ମୋନା ଖାଁଙ୍କ ଘର ଠାରୁ ୧୦ ଫୁଟ ଦୂରରେ ଥିବା ନଡିଆଗଛ ଉପରେ ବଜ୍ରପାତ ହୋଇଥିଲା। ଏହି ସମୟରେ ଘର ବାରଣ୍ଡାରେ ଥିବା ମୋନା (୪୨) ଓ ତାଙ୍କ ଝିଅ ରୋଜିନା ବେଗମ (୧୬) ବଜ୍ରପାତରେ ଆହତ ହୋଇଥିଲେ। ଉଭୟଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ସାର ପ୍ରୟୋଗ ନିମନ୍ତେ କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୧୮।୬**

ମାର୍ଶାଘାଇ ବ୍ଲକ ରଙ୍କାଳ ଗ୍ରାମରେ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଚାଷରେ ଉନ୍ନତ ଧରଣର ସାର ପରିଚାଳନା ନେଇ ଦିନିକିଆ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଅଲେଖ ନାୟକଙ୍କ ପରିଚାଳନାରେ ଜିଲା ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା ଓ ପିପିଏଲ ପଦାଧିକାରୀ ବିଶ୍ୱଜିତ ନନ୍ଦ ଭିଡିଓ କନଫରନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଚାଷୀଙ୍କୁ ସାର ପ୍ରୟୋଗ ସମ୍ପର୍କରେ କହିଥିଲେ। ଏଠାରେ ଚାଷରେ ଅଧିକ ଅମଳ ପାଇଁ ଉନ୍ନତ ଧରଣର ସାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ବଜ୍ରପାତରେ ଚାଷୀ ମୃତ, ଜଣେ ଆହତ

■ ଆମ୍ବବେଲାରୀ ଗ୍ରାମରେ ୪ ବଖରା ଜଳିଗଲା

**ମହାକାଳପଡ଼ା, ୧୮।୬ (ଡି. ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା, ପବନ ହେବା ସହ ବ୍ରଜପାତ ହୋଇଥିଲା। ତେବେ ବଜ୍ରପାତ ବେଳେ ବ୍ଲକ ଅଧୀନ ନାଞ୍ଜୁର ପଞ୍ଚାୟତ ଓସ୍ତିଆ ଗ୍ରାମର ନିତ୍ୟାନନ୍ଦ ଦାସ(୪୦)ଙ୍କର ମୃତ୍ୟୁ ଘଟିଛି। ନିତ୍ୟାନନ୍ଦ ସେହି ସମୟରେ ମୁଣ୍ଡରେ ଧାନ ବସ୍ତା ନେଇ ବିଲକୁ ଯାଉଥିଲେ। ଅଧାବାଟରେ ବଜ୍ରପାତ ହେବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖବର ପାଇ ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ ନିତ୍ୟାନନ୍ଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବଜ୍ରପାତରେ ଖରିନାସୀ ଗ୍ରାମର ଅସୀମ ମଣ୍ଡଳ (୧୯) ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ରାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟନ୍ଦ୍ରେରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଆମ୍ବବେଲାରୀ ଗ୍ରାମରେ ନିଆଁଲିଭା କାର୍ଯ୍ୟ ଚାଲିଛି।

ସେହିପରି ବଜ୍ରପାତ ଯୋଗୁ ବଉଲକଣି ପଞ୍ଚାୟତ ଅଧୀନ ଆମ୍ବବେଲାରୀ ଗ୍ରାମର ବିଧବା ମାନୁ ମଣ୍ଡଳଙ୍କ ୪ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ମହାକାଳପଡ଼ା ଅଗ୍ନିଶମ ସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ବିଡିଓ ରମେଶଚନ୍ଦ୍ର ସେଠୀ କହିଛନ୍ତି, ବିପନ୍ନ ପରିବାରକୁ ସରକାରୀ ନିୟମାନୁସାରେ ସରକାରୀ ସହାୟତା ଦିଆଯିବ।

# ଅଭିଯୋଗପତ୍ର ଗ୍ରହଣ କରୁନି ପୋଲିସ

■ ଏଏସ୍‌ପି, ଏଡିଏମ୍‌ଙ୍କୁ ଭେଟିଲେ ଗୋବିନ୍ଦପୁର ଗ୍ରାମବାସୀ

**କେନ୍ଦ୍ରାପଡା ଅଫିସ, ୧୮।୬**

ରାଜନଗର ଥାନା ଅଞ୍ଚଳର ଜଣେ ନିର୍ଯାତିତା ମହିଳାଙ୍କ ଅଭିଯୋଗପତ୍ର ଗ୍ରହଣ କରୁନି ପୋଲିସ। ଅପରପକ୍ଷରେ ଅଭିଯୋଗକାରିଣୀଙ୍କୁ ଜେଲ ପଠାଇ ଦେବା ଧମକ ଦିଆଯାଉଛି। ଏପରି ଅଭିଯୋଗ ଆଣିଛନ୍ତି ରାଜନଗର ଥାନା ଗୋବିନ୍ଦପୁର ଗ୍ରାମର ମହିଳାମାନେ। ମହିଳାମାନେ ମଙ୍ଗଳବାର ଏଏସ୍‌ପି ଅରୁଣ କୁମାର ଜେନା ଓ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଭେଟି ଏ ସମ୍ପର୍କରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରିଣୀ ହରପ୍ରିୟା ସାହାଣୀ କହିଛନ୍ତି, ୬ ବର୍ଷ ପୂର୍ବେ ଗୋବିନ୍ଦପୁର ଗ୍ରାମର ବୋଧିଚନ୍ଦ୍ର ସ୍ୱାଇଁଙ୍କ ସହିତ ତାଙ୍କର ବିବାହ ହୋଇଥିଲା।



ମହିଳାମାନେ ଏଡିଏମ୍ ବସନ୍ତ କୁମାର ସ୍ୱାଇଁଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ତାଙ୍କର ୩ ବର୍ଷର ଗୋଟିଏ ଝିଅ ଅଛି। ତେବେ ଶାଶୁଘର ଲୋକେ ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଏପରି କି ଗତ ୧୬ ତାରିଖରେ କେନ୍ଦ୍ରାପଡ଼ା ସହରରେ ରହୁଥିବା ଜୈନିକ ପରିବାର ସଦସ୍ୟ ହରପ୍ରିୟାଙ୍କୁ ମାରିଦେବା ପାଇଁ କେତେକ ଲୋକଙ୍କୁ ସୁପାରୀ ଦେଇ ପଠାଇଥିଲେ। ସେମାନେ ତାଙ୍କୁ ଜୋର ଜବରଦସ୍ତ ଉଠାଇ ଆଣୁଥିବା ବେଳେ ଝିଅ କାନ୍ଦିବାରୁ ସେମାନେ ଗ୍ରାମ ଲୋକଙ୍କ ଡରରେ ଛାଡ଼ି ପଳାଇଥିଲେ ବୋଲି ହରପ୍ରିୟା କହିଛନ୍ତି।

**ରାଜନଗର ଥାନା**

ତେବେ ସେ ଏ ସମ୍ପର୍କରେ ରାଜନଗର ଥାନାରେ ଅଭିଯୋଗ କରିବା ପରେ ବି ଥାନାରେ ଅଭିଯୋଗ ପଞ୍ଜୀକୃତ ହେଉନାହିଁ। ତେଣୁ ଏ ନେଇ ଏଡିଏମ୍ ଓ ଏଏସ୍‌ପିଙ୍କୁ ଅଭିଯୋଗ କରାଯାଇଥିବା ହରପ୍ରିୟା କହିଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ବେଳେ ଗୋବିନ୍ଦପୁର ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ଥିଲେ। ତୁରନ୍ତ ଅଭିଯୋଗର ତଦନ୍ତ ପାଇଁ ଏଡିଏମ୍ ବସନ୍ତ କୁମାର ସ୍ୱାଇଁ ରାଜନଗର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି ଯେ, ତାଙ୍କର ଅଭିଯୋଗକୁ ଭିତ୍ତିକରି ୫୩/୧୯ ନଂ.ରେ ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱର୍ଥ



## ସଂକ୍ଷେପରେ

### ବିଜେଡିରେ ମିଶିଲେ ଈଶାଣପୁର ସରପଞ୍ଚ

ବରୀ,୧୮।୬(ସ୍ୱ.ପ୍ର.): ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱ ଉପରେ ଆଶା ପ୍ରକଟ କରି ମଙ୍ଗଳବାର ବରୀ ବ୍ଲକ ଅଧୀନ ଈଶାଣପୁର ସରପଞ୍ଚ ରଞ୍ଜୁଲତା ମହାନ୍ତି ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଏହାପୂର୍ବରୁ ବରୀ ସରପଞ୍ଚ ରମାକାନ୍ତ ମଲ୍ଲିକ ଓ କଳାମାଟିଆ ସରପଞ୍ଚ ସମୀର ମଲ୍ଲିକ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିଲେ।

### ମଦ ଜବତ, ୨ କୋର୍ଟ ଚାଲାଣ

ଧର୍ମଶାଳା/ଜେନାପୁର, ୧୮।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପୋଲିସ ସୋମବାର ସନ୍ଧ୍ୟାରେ ରାଇଛନ୍ଦା ଗ୍ରାମରେ ଚଢ଼ାଉକରି ବେଆଇନ ମଦ ବ୍ୟବସାୟ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜଟିଆ ଲେଙ୍କା(୪୧) ଓ ରପକ୍ଷିତ ସାହୁ(୩୦)। ଚଢ଼ାଉବେଳେ ଜଟିଆଙ୍କ କେଭିନ୍‌ରୁ ୧୯ ବୋତଲ ମଦ ପୋଲିସ ଜବତ କରିଥିଲା। ସେହିପରି ପରିକ୍ଷିତ ଏକ ବାଇକ୍‌ରେ ୨୨ ବୋତଲ ମଦ ନେଇ ଫେରୁଥିବା ସମୟରେ ବ୍ରାହ୍ମଣୀବ୍ରିଜ୍ ନିକଟରେ ପୋଲିସ ତାଙ୍କୁ ଗିରଫ କରିବା ସହ ମଦ ଓ ବାଇକ୍ ଜବତ କରିଥିଲା। ଏ ନେଇ ପୋଲିସ ମଙ୍ଗଳବାର ୨ଟି ପୃଥକ୍ ମାମଲା (ନଂ,୧୩୪/୧୯ ଓ ୧୩୫/୧୯) ରୁଜୁ କରି ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

### ମା' ମଙ୍ଗଳା ଷ୍ଟାରକ୍ଲବ୍‌ର ରଜମହୋତ୍ସବ ଉଦ୍‌ଯାପିତ

ଧର୍ମଶାଳା,୧୮।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ କଦମପାଳସ୍ଥିତ ମା' ମଙ୍ଗଳା ଷ୍ଟାରକ୍ଲବ୍ ପକ୍ଷରୁ ୪ର୍ଥ ବାର୍ଷିକ ରଜମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ବ୍ୟାପି ମହାଆଡ଼ମ୍ବର ସହକାରେ କଦମପାଳ ହାଇସ୍କୁଲ ପଡିଆଠାରେ ବିଭିନ୍ନ ଖେଳକୁଦ ଅନୁଷ୍ଠିତ ହୋଇଥିଲା। ରାମଦୋଳୀ, ମଇ ଦୋଳି, ପଙ୍ଖା ଦୋଳି, ଚରକି ଦୋଳି, ଦଉଡି ଦୋଳି ଖେଳ ଅନୁଷ୍ଠିତ ଆଦି ବିଭିନ୍ନ ଖେଳ କ୍ଲବ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ମହିଳା ଓ ଯୁବତୀମାନେ ଭାଗନେଇଥିଲେ। ସେହିପରି ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ୍, ମ୍ୟୁଜିକ୍ ଚେୟାର, ମେହେନ୍ଦି, ଝୋଟି, ଚିତା, ପୁଚିଖେଳ, କବାଡି ଖେଳ, ତାସଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ସୂର୍ଯ୍ୟକାନ୍ତ ଜେନା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଜମି ଶୁଖିଲା, ଚାଷୀ ମହଲରେ ଭାଳେଣି

ଯାଜପୁର ଅଫିସ,୧୮।୬

ଶୀତଳ ଷଷ୍ଠୀ ଓ ରଜପର୍ବ ଅତିକ୍ରାନ୍ତ ହୋଇ ସାରିଛି। ଚାଷୀ ନିଜ ଜମିରେ ଧାନ ବୁଣିବା ଆରମ୍ଭ କରି ଦେଇଛନ୍ତି। ଗତ ୨ ଦିନ ହେଲା ଧାନବୁଣା ଜୋରସୋର ଚାଲିଥିବାବେଳେ ମୌସୁମୀର ଲୁଚକାଳି ଚାଷୀଙ୍କୁ ଚିନ୍ତାରେ ପକାଇଛି। ଯାଜପୁର ଜିଲାରେ ଗତ ୫ ବର୍ଷ ହେଲା ଚାଷ ଆରମ୍ଭର ମାସ ତଥା ଜୁନ ମାସରେ କୃଷି ବିଭାଗ ପକ୍ଷରୁ ନିର୍ଦ୍ଧାରିତ ହାରାହାରି ବର୍ଷା ପରିମାଣ ଛୁଇଁ ପାରୁ ନାହିଁ। ଫଳରେ ଚାଷୀ ପ୍ରତିବର୍ଷ ଆଶା ଆଶଙ୍କାରେ ରହି ବହୁ କ୍ଷତିର ସମ୍ମୁଖୀନ ହେଉଥିବା କୁହାଯାଉଛି।

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଶୀତଳଷଷ୍ଠୀ ଯାତ୍ରା ତଥା ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଥାଏ। ଶିବପାର୍ବତୀଙ୍କ ବିବାହ ସମୟରେ ସ୍ୱର୍ଗରୁ ଦେବତାମାନଙ୍କ ପୁଷ୍ପ ବୃଷ୍ଟି ସ୍ୱରୂପ ଆକାଶରୁ ଅଳ୍ପ ହେଲେ ବି ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଛି। ଯାହାଦ୍ୱାରା ଧରାପୃଷ୍ଠ ଶୀତଳ ହୋଇଥାଏ। ମାତ୍ର ଏବେ କିଛି ବର୍ଷ ହେବ ଏଥିରେ ବ୍ୟତିକ୍ରମ ଘଟୁଛି। କିଛି ଦିନ ହେବ ଯାଜପୁର ସହରର ତାପମାତ୍ରା ୪୦ଡିଗ୍ରୀ ପାଖାପାଖି ରହୁଛି। ମଙ୍ଗଳବାର ପ୍ରାୟ ଦିନସାରା ପାଗ ମେଘୁଆ ରହିଥିଲେ ହେଁ ଗୁଲୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ଅନ୍ୟପକ୍ଷେ ଇତିମଧ୍ୟରେ ପ୍ରସିଦ୍ଧ ରଜପର୍ବ ମଧ୍ୟ ଶେଷ ହୋଇଛି। କିନ୍ତୁ ଚାଷ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିନାହିଁ। ଚଳିତ ମାସ ୧ତାରିଖରେ ହାରାହାରି ୧୦.୩୨ ମିମି, ୩ ତାରିଖରେ ୩୭.୭୩ ମିମି, ୬ ତାରିଖରେ ୨୧.୫୮ ମିମି ଓ ୧୩ ତାରିଖରେ ୩୬.୩୫ ମିମି ବର୍ଷା ରେକର୍ଡ କରାଯାଇଛି। ଚଳିତ ମାସ ୧୮ ତାରିଖ ସୁଦ୍ଧା ହାରାହାରି୧୦୯.୫୦ ମିମି ବର୍ଷା ରେକର୍ଡ କରାଯାଇଛି। ଉକ୍ତ ବର୍ଷାକୁ ଲକ୍ଷ୍ୟ ରଖି ଜିଲା ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲା। ମାତ୍ର ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଜଳବାୟୁର ପରିବର୍ତ୍ତନ ମୌସୁମୀ ପ୍ରବାହକୁ ଗୁରୁତର ଭାବରେ ପ୍ରଭାବିତ କରି ଆସୁଛି। ଚଳିତ ସପ୍ତାହରେ ମୌସୁମୀ ସକ୍ରିୟ ହେବା ସହ ପ୍ରବଳ ବର୍ଷାର ସମ୍ଭାବନାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଯାଜପୁର ଜିଲା ପାଣିପାଗ**

■ ଜୁନ୍ ମାସରେ ଏଯାଏ ହାରାହାରି ୧୦୯.୫୦ ମିମି ବର୍ଷା

**ଯାଜପୁର ଜିଲାରେ ଗତ ୫ ବର୍ଷର ରିପୋର୍ଟ (ମିମି ଅନୁଯାୟୀ)**

| ମାସ | ଆବଶ୍ୟକ | ୨୦୧୪ | ୨୦୧୫ | ୨୦୧୬ | ୨୦୧୭ | ୨୦୧୮ |
|---|---|---|---|---|---|---|
| ଜୁନ | ୨୩୮.୫ | ୯୮.୧ | ୧୮୬.୬ | ୧୭୭.୨ | ୧୮୯.୪୫ | ୨୧୮.୫୦ |
| ଜୁଲାଇ | ୩୫୦.୯ | ୪୧୨.୩ | ୪୯୫.୫ | ୩୪୫.୬ | ୨୨୭.୪୭ | ୪୧୬.୮୮ |
| ଅଗଷ୍ଟ | ୩୪୧.୨ | ୪୧୩.୫ | ୧୮୨.୪ | ୩୬୩.୨ | ୨୪୯.୨୬ | ୨୬୧.୩୯ |
| ସେପ୍ଟେମ୍ବର | ୨୩୮.୦ | ୨୩୦.୨ | ୧୪୬.୬ | ୨୯୦.୭ | ୧୩୫.୬୭ | ୬୦୪.୩୦ |

ହେଲେ ଜିଲାରେ ତାପମାତ୍ରା ବୃଦ୍ଧି ମୌସୁମୀ ଚିନ୍ତାକୁ ଦୂରେଇ ଦେଉଛି। ଏଭଳି ସ୍ଥିତିରେ କେତେକାଂଶରେ ଜମିରେ ହୋଇଥିବା ଗଜା ସମ୍ପୂର୍ଣ୍ଣ ଜଳି ଯିବ ବୋଲି ଚାଷୀ ମହଲରେ ଭାଳେଣି ପଡିଛି। ଜଳବାୟୁ ପରିବର୍ତ୍ତନ କବଳରେ ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲା ଅନ୍ୟତମ। ଏଠାରେ ପ୍ରଦୂଷଣ ନିୟନ୍ତ୍ରଣ ଅଭାବ, ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନର ବ୍ୟବହାର ତଥା ଉପରୋକ୍ତ କମ୍ପାନୀଗୁଡ଼ିକରେ ପ୍ରତିଷ୍ଠିତ କେତେକ ତାପଜ ବିଦ୍ୟୁତ କେନ୍ଦ୍ର ଯୋଗୁ ବାୟୁ ମଣ୍ଡଳରେ ସବୁଜଘର ବାଷ୍ପର ପରିମାଣ ବୃଦ୍ଧି ପାଉଛି। ସୂର୍ଯ୍ୟାଲୋକର ଅବଲୋହିତ ରଶ୍ମିକୁ ଶୋଷଣ ଓ ଧାରଣ କରିବାର କ୍ଷମତା ଏହି ବାଷ୍ପର ଅଧିକ ଥିବାରୁ ତାହା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ବେଳହୁଁ ଏଥିପ୍ରତି ଜନସଚେତନତା ସୃଷ୍ଟି କରା ନ ଗଲେ ଖୁବ କମ୍‌ବର୍ଷ ମଧ୍ୟରେ ଯାଜପୁର ଜିଲାରେ ଜଳସଙ୍କଟ ସମସ୍ୟା ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଛି। ଗତ ୫ ବର୍ଷର ବୃଷ୍ଟିପାତକୁ ଅବଲୋକନ କଲେ ଜଣାପଡେ ଯେ, ଜିଲାରେ ଆଶାନୁରୂପ ବର୍ଷା ହୋଇନାହିଁ। ବିଶେଷକରି ଚାଷୀ ନିର୍ଭର କରୁଥିବା ଜୁନ, ଅଗଷ୍ଟ ଓ ସେପ୍ଟେମ୍ବର ମାସର ବର୍ଷା ହାର ସ୍ୱାଭାବିକ ହୋଇ ପାରୁନାହିଁ। ଜିଲାରେ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରାର ପ୍ରଭେଦ ବଢ଼ିବା ଏକ ମରୁଭୂମୀୟ ଜଳବାୟୁର ପ୍ରାକ ସଙ୍କେତ ମଧ୍ୟ ଦେଲାଣି। ବିଶେଷଜ୍ଞଙ୍କ ମତରେ ପ୍ରତି ୫ବର୍ଷରେ ଗୋଟିଏ ବର୍ଷାଦିନ କମୁଛି। ବର୍ଷା କମିବା ସହ ମାନବୀୟ ବିକାଶ, ଆଧୁନିକତାର ପ୍ରଭାବ, ଶିଳ୍ପ ବିପ୍ଳବ, ଗ୍ରୀନହାଉସ ପ୍ରଭାବ, ବିଦ୍ୟୁତ ଶକ୍ତି ପାଇଁ କୋଇଲାକୁ ଇନ୍ଧନ ରୂପେ ବ୍ୟବହାର, ଯାନବାହନରୁ ନିର୍ଗତ ଧୂଆଁ ପରିବେଶକୁ ପ୍ରଦୂଷିତ କରିବା ସହିତ ଜମିର ଉର୍ବରତା ନଷ୍ଟ କରୁଛି। ଏଥିସହ କୃଷିକ୍ଷେତ୍ର ମଧ୍ୟ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟରେ କବଳିତ ଯାଜପୁର ଜିଲାରେ ପ୍ରତିବର୍ଷ କ୍ଷୁଦ୍ର ଓ ମଧ୍ୟମ ଧରଣର ବନ୍ୟା ଦେଖିବାକୁ ମଳୁଛି। ୨୦୧୮ ସେପ୍ଟେମ୍ବର ମାସରେ ଆବଶ୍ୟକତାଠାରୁ ୩ଗୁଣ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା। ବର୍ଷାର ଏଭଳି ଅନିୟମିତତା ଜିଲାବାସୀଙ୍କୁ ଚିନ୍ତିତ କରିଆସିଛି।

### 'ଜୀବନରୂପୀ ନିଆଁରେ ସଶକ୍ତ ମାଟି ହେବା ଉଚିତ'

ଜେନାପୁର,୧୮।୬(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ୫ମ ବାର୍ଷିକ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ବୃନ୍ଦାଦେଇପୁର ଗଡ଼ଜାତ ସ୍ମାରକୀପୀଠ ପରିସରରେ ସଂଗଠନର ସଭାପତି ନିର୍ମାଲ୍ୟ ପ୍ରଧାନଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜିକ କର୍ମୀ ପଦ୍ମଶ୍ରୀ ପ୍ରକାଶ ରାଓ ଯୋଗଦେଇ ନିଜ ସଂଘର୍ଷର କାହାଣୀ ବର୍ଣ୍ଣନା କରିବା ସହିତ ଜୀବନରୂପୀ ନିଆଁରେ ସଶକ୍ତ ମାଟି ହେବା ଉଚିତ୍ ବୋଲି ଯୁବାବର୍ଗଙ୍କୁ କହିଥିଲେ। ମୁଖ୍ୟବକ୍ତାଭାବେ ଅଖିଳ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନନୀୟ ଅତିଥିଭାବେ ମନୋଜ ପ୍ରଧାନ, ବନଲତା ଦେବୀ, ରଘୁନାଥ ବେହେରା ଓ ପଦ୍ମନାଭ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରକାଶ ଚନ୍ଦ୍ର ବରାଳ, ଜୟପ୍ରଭା ବରାଳ, ବଳରାମ ବାରିକ, ମୋହନ ମହାରଣା, ପୂଜାରାଣୀ ପାତ୍ର, ରଶ୍ମିତା ବେହେରା, ସୁନିଲ ଭୂତିଆ, ଶିବାଂଶୀ ଶୁଭଲକ୍ଷ୍ମୀ ଓ ଅତୁଳ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ମୁଖପତ୍ର 'ମହକ' ଉନ୍ମୋଚିତ ହୋଇଥିଲା।

## ଶୌଚାଳୟ ନାହିଁ, ହଇରାଣ ହେଉଛନ୍ତି ଲୋକେ

ଯାଜପୁର ଟାଉନ,୧୮।୬(ଡି.ଏନ.ଏ.)

ଯାଜପୁର ସହରରେ ସୁଲଭ ଇଣ୍ଟରନ୍ୟାସନାଲ ପକ୍ଷରୁ ଯାଜପୁର ସଦରମହକୁମା ଡାକ୍ତରଖାନା ପାଖରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଡାକ୍ତରଖାନାକୁ ପ୍ରତିଦିନ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଏହି ଶୌଚାଳୟ ବ୍ୟବହାର କରୁଥିଲେ। ଏଥିସହ ସାଧାରଣ ଲୋକେ ଏହି ଶୌଚାଳୟ ଦ୍ୱାରା ଉପକୃତ ହେଉଥିଲେ। ଗତ ୨ବର୍ଷ ହେବ ରାସ୍ତା ସମ୍ପ୍ରସାରଣ ପାଇଁ ଶୌଚାଳୟ ଭାଙ୍ଗିଦିଆଥିବାବେଳେ ନୂଆ ଶୌଚାଳୟ ନିର୍ମାଣ କରାଯାଇନାହିଁ। ଫଳରେ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟ ବାଧ ହୋଇ ବୈତରଣୀ ପୀଠ କିଲାପଡିଆକୁ ଶୌଚ ପାଇଁ ଆସୁଛନ୍ତି। ଯାଜପୁର ସହରରେ ଥିବା କୁସୁମା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କୁସୁମାର ସୌନ୍ଦର୍ଯ୍ୟକରଣ ଉପଭୋଗ କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ପର୍ଯ୍ୟଟକଙ୍କ ମଧ୍ୟରେ ବିଶେଷକରି ମହିଳା ଓ ଶିଶୁମାନେ ଏଠାରେ ଦୀର୍ଘସମୟ ଅବସ୍ଥାନ କରୁଥିଲେ ବି ସେମାନଙ୍କ ପାଇଁ ଶୌଚାଳୟଟିଏ ନାହିଁ। ମୁଖ୍ୟମନ୍ତ୍ରୀ କୁସୁମା ଉଦ୍‌ଘାଟନ କରିବାକୁ ଇତିମଧ୍ୟରେ ବର୍ଷାଧିକ କାଳ ହେଲାଣି। ଜିଲା ପ୍ରଶାସନ ଓ ପୌର ପ୍ରଶାସନ ପକ୍ଷରୁ ଏଠାରେ ବହୁ ସୁବିଧା କରାଯାଇଥିଲେ ବି ଶୌଚାଳୟ ନ ଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ଏପର୍ଯ୍ୟନ୍ତ ଶୌଚାଳୟ ନିର୍ମାଣ ହୋଇପାରୁନାହିଁ।

## ଖବରଦାତାଙ୍କ ମାତୃ ବିୟୋଗ

ଧର୍ମଶାଳା,୧୮।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଭାଲୁଖାଇ ଗ୍ରାମର ଖବରଦାତା ପ୍ରଭୁଦତ ଜେନାଙ୍କ ମା' ଅନ୍ନପୂର୍ଣ୍ଣା ଜେନା(୮୨)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେପୀଡିତଥିଲେ। ସ୍ୱର୍ଗୀୟା ଅନ୍ନପୂର୍ଣ୍ଣା ଜଣେ ଧର୍ମପରାୟଣା, ପରୋପକାରୀ ଓ ମିଷ୍ଟଭାଷୀ ଥିଲେ। ମୃତ୍ୟୁ ଖବରପାଇ ଧର୍ମଶାଳା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କିଷାନ ପଣ୍ଡା, ଖବରଦାତା ରମାକାନ୍ତ ଜେନା, ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ଅବଧୂତ ରାଉତ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ନିକଟରେ ଥିବା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

■ ବରୁଆଁରେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସୁଜନପୁରକୁ ହରାଇ ମଣିନାଥପୁର ଚାମ୍ପିୟନ

ଯାଜପୁରଟାଉନ, ୧୮।୬(ଡି.ଏନ.ଏ.): ବରୁଆଁ ମେଲଣ ପଡିଆଠାରେ ମଙ୍ଗଳବାର ଏକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ୪ ଦଳ ଭାଗ ନେଇଥିଲେ। ମଙ୍ଗଳବାର ଭଦ୍ରକ ଜିଲା ମଣିନାଥପୁରର ଜେବିୱାଇସି ଏବଂ ସୁଜନପୁରର ଉମାକାନ୍ତ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମଣିନାଥପୁର ଟିମ୍ ୩-୦ ଗୋଲରେ ସୁଜନପୁରକୁ ହରାଇ ଚାମ୍ପିୟନ ହୋଇଛି। ଏ ନେଇ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଥାନାଧିକାରୀ ଦୁଷ୍ମନ୍ତ କୁମାର ରାୟ ଅତିଥିଭାବେ ଯୋଗଦେଇ ଉଭୟ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ସତ୍ୟନାରାୟଣ ବଣିକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପରିଡା ଓ ପଞ୍ଚାନନ ମହାପାତ୍ର ଯୋଗଦେଇଥିଲେ। ରାଜ୍ୟସ୍ତରୀୟ ରେଫରୀ ଚିତ୍ତରଞ୍ଜନ ଓଝା, ଶଙ୍କର୍ଷଣ ପାଣି, ଶୈଳେଶରାଜ ପାଣି ଓ ସେକ୍ ନିଜାମୁଦ୍ଦିନ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜକ ମା' ମଙ୍ଗଳା ଫୁଟବଲ ଆସୋସିଏଶନ ସଭାପତି ଚିତ୍ତରଞ୍ଜନ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଚିତ୍ତରଞ୍ଜନ ଓଝା ବିବରଣୀ ପାଠ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

### ଭାଷଣରେ ସୀମିତ ଯାଜପୁର ପୌରାଞ୍ଚଳ ଗ୍ରୀନ୍‌ସିଟି କ୍ଲିନ୍‌ସିଟି

# ବୈତରଣୀକୁ ପ୍ରଦୂଷିତ କରୁଛି ପୌର ପ୍ରଶାସନ



ଯାଜପୁର ଟାଉନ,୧୮।୬(ଡି.ଏନ୍.ଏ.)

ଗତବର୍ଷ ଯାଜପୁର ପୌରପରିଷଦ ୧୫୦ବର୍ଷ ପୂର୍ତ୍ତି ପାଳନ ସମୟରେ ଯାଜପୁର ସହରକୁ ଗ୍ରୀନ୍‌ସିଟି କ୍ଲିନ୍‌ସିଟି ଭାବେ ପରିଗଣିତ କରାଯିବ ବୋଲି ପୌରପ୍ରଶାସନ ଘୋଷଣା କରିଥିଲା। ହେଲେ ଉକ୍ତ ସ୍ଲୋଗାନ୍ କେବଳ ଭାଷଣରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ସର୍ବପୁରାତନ ସହର ଭାବେ ପରିଗଣିତ ହୋଇଥିବା ଏହି ସହରକୁ ସ୍ୱଚ୍ଛ ଓ ଏହାର ପାର୍ଶ୍ୱରେ ବହିଯାଉଥିବା ପବିତ୍ର ବୈତରଣୀ ନଦୀକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ପାଇଁ ପୌରପ୍ରଶାସନ ଗତବର୍ଷ ବେଶ୍ ଅଣ୍ଟା ଭିଡିଥିଲା। ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ତାଙ୍କ ଭାଇ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ସମେତ ୧୮ଜଣ କାଉନ୍‌ସିଲର ଓ ସେମାନଙ୍କ ଦଳୀୟ କର୍ମୀମାନେ ପୌରାଞ୍ଚଳର ୧୮ଟି ୱାର୍ଡକୁ ବୁଲି ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ସହରର ଶତାଧୀକ ଯୁବଗୋଷ୍ଠୀ ସାମିଲ ହୋଇ ଯାଜପୁରକୁ ଗ୍ରୀନ୍‌ସିଟି କ୍ଲିନ୍‌ସିଟି ଭାବେ ଗଢ଼ିତୋଳିବା ପାଇଁ ଶପଥ ନେଇଥିଲେ। ମାତ୍ର ଯାଜପୁର ସହରର ବର୍ତ୍ତମାନ ଅବସ୍ଥାକୁ ଦେଖିଲେ ଗ୍ରୀନସିଟି କ୍ଲିନ୍‌ସିଟି ସ୍ଲୋଗାନ ଯେପରି ପଥଭ୍ରଷ୍ଟ ହୋଇଯାଇଥିବା ପରି ମନେ ହେଉଛି। ସହରର ସମସ୍ତ ଡ୍ରେନ୍ ସଫା ନ ହୋଇ ଭରପୁର ରହିଥିବାବେଳେ ସହର ସାରା ଅଳିଆଆବର୍ଜନା ଭର୍ତ୍ତି ହୋଇପଡ଼ିଛି। ବର୍ଷା ଋତୁ ପାଖେଇ ଆସିଥିଲେ ମଧ୍ୟ ପୌରପ୍ରଶାସନ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କାର୍ଯ୍ୟକମ କରିପାରି ନାହିଁ। ଫଳରେ ବର୍ଷା ଦିନରେ ସାରା ସହର ବର୍ଷା ଓ ଡ୍ରେନ୍ ପାଣିରେ ବୁଡ଼ିବାର ସମ୍ଭାବନା ସୃଷ୍ଟି କରିଛି। ଏହି ପୌରାଞ୍ଚଳରେ ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସାହି ସାହିରେ କୁଡ଼ କୁଡ଼ ଅଳିଆଆବର୍ଜନା ଭର୍ତ୍ତିହୋଇ ରହିଛି। ସର୍ବ ପୁରାତନ ପୌରପରିଷଦ ଏଯାବତ୍ ଗୋଟିଏ ହେଲେ ଡମ୍ପିଂୟାର୍ଡ କରିପାରି ନାହିଁ। ସହରର ଅଳିଆ ଆବର୍ଜନାକୁ ସଫେଇ କର୍ମଚାରୀ ଉଠାଇ ବୈତରଣୀ ନଦୀପୀଠର ଦେବୀଗଡ଼ା ଘାଟ ଓ କିଲାଘାଟରେ ପକାଇ ନଦୀକୁ ପ୍ରଦୂଷିତ କରିବା ସହ ସହରକୁ ପ୍ରଦୂଷିତ କରାଯାଉଛି। ଗତ କିଛି ମାସ ଧରି ଦେବୀଗଡ଼ା ଘାଟଠାରେ ସହରର ଅଳିଆ ଆବର୍ଜନା ପକାଇ ଭର୍ତ୍ତି କରିଦେଇଥିବାରୁ ଆଖପାଖ ଅଞ୍ଚଳର ଲୋକମାନେ ଦୁର୍ଗନ୍ଧରେ ରହିପାରୁ ନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେବା ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କିଲାପଡ଼ିଆ ଘାଟଠାରେ ଏହି ଅଳିଆ ଆବର୍ଜନାକୁ ପକାଯାଉଛି। ଏହି କିଲା ପଡ଼ିଆକୁ ଲାଗି ପବିତ୍ର ଦଶାଶ୍ୱମେଧ ଘାଟ, କାଳିମନ୍ଦିର, ଜଗନ୍ନାଥ ମନ୍ଦିର, ବରାହମନ୍ଦିର, ବାଳାଶ୍ରମ, ପୁରୁଣା ମାର୍କେଟ ସହ ବିଭିନ୍ନ ସାହିବସ୍ତି ରହିଛି। ଆଉ ସେଠାରେ ବାସ କରୁଥିବା ଲୋକମାନେ ଦୁର୍ଗନ୍ଧ ପରିବେଶ ମଧ୍ୟରେ ରହୁଛନ୍ତି। ଖାଲି ବସ୍ତିବାସୀ ନୁହନ୍ତି ବରଂ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏଭଳି ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ପବିତ୍ର ବୈତରଣୀ ନଦୀକୁ ସ୍ୱଚ୍ଛ କରିବା ପାଇଁ ଗତ କିଛିଦିନ ତଳେ ସହରର ବହୁ ଅନୁଷ୍ଠାନ ପକ୍ଷରୁ ବୈତରଣୀ ବଞ୍ଚାଅ ଅଭିଯାନର କାର୍ଯ୍ୟକ୍ରମ ଯାଜପୁର ଉପଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁରର ବିରଜା ସଂସ୍କୃତି ପ୍ରଚାର ସମିତି ବିରଜା କ୍ଷେତ୍ର, ଜଗନ୍ନାଥ ଚେତନା ଲୋକ ସଂଗ୍ରହ କାର୍ଯ୍ୟକ୍ରମ, ବିରଜା ସେବା ସମିତି, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ସହଜ ରାଜଯୋଗ ଓ ଆଧ୍ୟାତ୍ମିକ ଚେତନା, ଶ୍ୟାମଶ୍ୟାମା କମିଟି, ବୈତରଣୀ କୁମ୍ଭମେଳା ବିକାଶ ପରିଷଦ, ଆପେକ୍ସ ପରିବାର ପ୍ରମୁଖଙ୍କ ମିଳିତ ଉଦ୍ୟମରେ ବୈତରଣୀ ବଞ୍ଚାଅ ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ସତ୍ତ୍ୱେ ବୈତରଣୀ ନଦୀ କୂଳରେ ପୌରପ୍ରଶାସନ ପକ୍ଷରୁ ଅଳିଆ ଆବର୍ଜନା ପକାଇ ନଦୀକୁ ପ୍ରଦୂଷିତ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ କିଛିଦିନ ତଳେ ଯାଜପୁର ଜିଲାପାଳ ସହରର ବିଭିନ୍ନ ସ୍ଥାନକୁ ବୁଲି ଅପରିଷ୍କାର କରୁଥିବା ବ୍ୟବସାୟୀ ଓ ସାଧାରଣ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଆଦାୟ କରିଥିଲେ। ମାତ୍ର ଡମ୍ପିଂୟାର୍ଡ ନ କରି ସହରର ମୁଖ୍ୟ ସ୍ଥାନରେ ଅଳିଆ ଆବର୍ଜନାକୁ ପକାଇ ଅପରିଷ୍କାର କରୁଥିବା ପୌରପ୍ରଶାସନ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏପରି କି ଖୋଦ୍ ଜିଲାପାଳ ଗତ କିଛିମାସ ଧରି ପୌରପ୍ରଶାସକ ଭାବେ କାର୍ଯ୍ୟ କରୁଥିବାବେଳେ ସେ ମଧ୍ୟ ଡମ୍ପିଂୟାଡ ନିର୍ମାଣ ନ କରିବା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରେ ଡମ୍ପିଂୟାର୍ଡ ପାଇଁ ୪ଗୋଟି ସ୍ଥାନ ନିରୂପଣ କରାଯାଇଛି। ଖୁବ୍ ଶୀଘ୍ର ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଛନ୍ତି।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ୱର୍ଣ୍ଣଲତା ସାହୁ
ସ୍ୱାମୀ- ସ୍ୱର୍ଗତ ଯୋଗେନ୍ଦ୍ର ମୋହନ ସାହୁ
ପ୍ଲଟ ନମ୍ବର ୧୮୨/୫୪୮
ଜୟଦୁର୍ଗା ନଗର, ଭୁବନେଶ୍ୱର
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆଜି ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୩୦୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରୋହିଣୀ ସୁଆର
ତିରୋଧାନ: ଆଷାଢ଼ କୃଷ୍ଣ ଦ୍ୱିତୀୟା
ସ୍ଥାନ: ଇବ୍‌ନଗର, ସୁନ୍ଦରଗଡ଼
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତଥାପି ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପ୍ରେରଣା ଆମପାଇଁ ମାର୍ଗ ଦର୍ଶକ ହୋଇ ରହିଛି ଓ ରହିବ ମଧ୍ୟ। ଆଜିର ଏହି ୧ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:- ପୁତ୍ର: ଅଭିମନ୍ୟୁ, ଗୋବିନ୍ଦ, ପୁତ୍ରବଧୂ: କୁମୁଦିନୀ, ସୂର୍ଯ୍ୟକାନ୍ତୀ, ଝିଅ: ମାହେଶ୍ୱରୀ, ସୁଷମା, ମମତା, ଜ୍ୱାଇଁ: ମଧୁସୂଦନ, ନରସିଂହ, ସରୋଜ, ନାତି: ପ୍ରମୋଦ, ପ୍ରଦୀପ, ପ୍ରତାପ, ଶ୍ରୀକାନ୍ତ, ଶ୍ରୀନିବାସ, ପ୍ରଶାନ୍ତ, ବିଶ୍ୱନାଥ, ରିଚାର୍ଡ ବେଦାୟନ, ପୁଣ୍ୟଶ୍ଳୋକ, ନାତୁଣୀ: ମୀରା, ନିବେଦିତା, ଶୁଭଶ୍ରୀ, ବାଣିଶ୍ରୀ, ଭାଗ୍ୟଶ୍ରୀ।
ଧ-୧୩୦୨୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନୋରମା ମିଶ୍ର (ମଣି)
ଏ.ଏଲ୍-୭୩, ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭
ଆବିର୍ଭାବ: ୨୭।୦୮।୧୯୪୭
ତିରୋଧାନ: ୧୧।୦୬।୨୦୧୭
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୯୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ଶ୍ରୀ ମଦନ ମୋହନ ପ୍ରଧାନ (ଟିକନ)
(ବଡଗଡ, ଭୁବନେଶ୍ୱର)
ଆବିର୍ଭାବ - ୨୦.୦୫.୧୯୫୧
ତିରୋଧାନ - ୦୯.୦୬.୨୦୧୯
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ- ପପୁ, ଅପୁ, ଝିଅ- ପିଙ୍କି ଓ ପରିବାରବର୍ଗ
ଧ-୬୬୫୬୮

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରତ୍ନମାଳୀ ସିଂହ ସାମନ୍ତ
(ବାଙ୍କତରା ବଡ଼ ମଣିମା)
ସ୍ଥାନ: ରବିପ୍ରଭା, ଓଡ଼ଗାଁ (ନୟାଗଡ଼)
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୧୦।୦୬।୨୦୧୯
ଦୀର୍ଘ ବର୍ଷର ସ୍ନେହ ସମ୍ପର୍କ ତୁଟାଇ, ଆମ୍ଭମାନଙ୍କ ଉପରେ ଅଭିମାନ କରି ତୁମେ ଆରପାରିକୁ ଚାଲିଗଲ। ଜ୍ୟୋତିର୍ବିଦ, ପଠାଣି ସାମନ୍ତଙ୍କ ଉତ୍ତର ଦାୟଦ ରୂପେ ତୁମର କର୍ମ ପ୍ରେରଣା, ଧୈର୍ଯ୍ୟ, ସହନଶୀଳତା, ଜ୍ଞାନ, ଗୁଣ, ଗରିମା, ସରଳତା ଓ ନିଷ୍କପଟତା ଆମ୍ଭମାନଙ୍କର ଚିର ସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସାମନ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ (ପୁତ୍ର, ପୁତ୍ରବଧୂ, କନ୍ୟା, ପୌତ୍ର, ପୌତ୍ରୀ, ପ୍ରପୌତ୍ର ବଧୂ, ପ୍ରପୌତ୍ର ଓ ପ୍ରପୌତ୍ରୀ)
ଧ-୧୩୦୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଦୀପ୍ତ କୁମାର ମହାନ୍ତି
୨୯- ସୂର୍ଯ୍ୟନଗର, ଭୁବନେଶ୍ୱର-୦୩
ଆବିର୍ଭାବ: ୦୩।୦୬।୧୯୫୨
ତିରୋଧାନ: ୦୯।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୨୯୯୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନସ୍ୱିନୀ ସାହୁ (ବୁନୁ)
ବାଛାରାପାଟଣା, ଜଟଣୀ
ଆବିର୍ଭାବ: ୦୫।୦୪।୧୯୯୨
ତିରୋଧାନ: ୧୯।୦୬।୨୦୧୩
ମା' ବୁନୁ କାଲି ପରି ଲାଗୁଛି- ଦେଖୁ ଦେଖୁ ଛଅ ବର୍ଷ ବିତିଗଲା- ତୋ ବିନା ସତେ ସବୁକିଛି ଅଧୁରା- ଗୋଟିଏ ବି ଦିନ ବିତିନାହିଁ- ଯେଉଁଦିନ ତୋ କଥା ମନେପଡି ନାହିଁ- ତୋର ଆବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜି ବି ଅସହ୍ୟ। ପ୍ରଭୁ କାଳିଆ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ତୋର ମା' କନକ, ଜେଜେମା, ଦାଦା, ଖୁଡ଼ୀ, ସୋନୁ, ରୀନୁ, ଗଣ୍ଟୁ ଓ ପ୍ରିୟର ମଣିଷା।
ଧ-୧୩୦୨୩

**ଏକାଦଶାହ ଉପଲକ୍ଷେ**
ତା.୧୯।୦୬।୨୦୧୯(ବୁଧବାର)



୰ସମରେନ୍ଦ୍ର କର (ସମୀର)
ଆବିର୍ଭାବ: ୧୪।୧୨।୧୯୬୬
ତିରୋଧାନ:୦୯।୦୬।୨୦୧୯
ସାଲେପୁର, କଟକ
ତୁମର ଅନୁପସ୍ଥିତ ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ରବିନ୍ଦ୍ର ନାଥ କର, ନବକିଶୋର କର, ପ୍ରଦୀପ୍ତ କୁମାର କର, ପ୍ରଶାନ୍ତ କୁମାର କର, ସିଡୁ, ସଙ୍ଗୁ, ଶିଲ୍ପ, ଗୌତମ, କିଟୁ, ସତ୍ୟମ୍, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୩୭

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଜୁନ୍, ୨୦୧୯



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ।
- ହୋରେସ୍



## ସଂକ୍ଷେପରେ

### ବ୍ୟାଙ୍କ୍ ସମ୍ମୁଖରୁ ଲୁଟିନେଲେ ୧ ଲକ୍ଷ

**ନୟାଗଡ଼ ଅଫିସ,୧୮।୬:** ନୟାଗଡ଼ ଟାଉନ ଥାନା ଖଣ୍ଡପଡ଼ା ରୋଡ଼ସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କ୍ ସମ୍ମୁଖରୁ ଜଣେ ବୃଦ୍ଧଙ୍କଠାରୁ ଦୁଇଜଣ ଯୁବକ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଓଡ଼ଗାଁ ଅଞ୍ଚଳର ସାଗର ଭୋଇ ଅପରାହ୍ନରେ ଟଙ୍କା ଉଠାଇବାକୁ ବାପାଙ୍କୁ ଧରି ଏକ ଅଟୋରେ ଆସିଥିଲେ। ସେ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇଥିଲେ। ଅଟୋରେ ବସି ଘରକୁ ଯିବାକୁ ବାହାରୁଥିବା ବେଳେ ସାଗରଙ୍କ ବାପା ୧ ଲକ୍ଷ ଟଙ୍କା ରଖି ଆଉ ଏକ ଲକ୍ଷ ଟଙ୍କା ବ୍ୟାଙ୍କରେ ସାଗରଙ୍କ ମା'ଙ୍କ ନାମରେ ଜମା କରି ଦେବା ପାଇଁ ଅଟୋ ଡ୍ରାଇଭରଙ୍କୁ ଦେଇଥିଲେ। ପରେ ଅଟୋ ଡ୍ରାଇଭର ଟଙ୍କା ନେଇ ବ୍ୟାଙ୍କକୁ ଯାଇଥିବା ବେଳେ ସାଗର ପରିସ୍ରା କରିବା ପାଇଁ ବାହାରକୁ ଯାଇଥିଲେ। ଅଟୋରେ ସାଗରଙ୍କ ବାପା ୧ ଲକ୍ଷ ଟଙ୍କା ଧରି ବସି ରହିଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ବୃଦ୍ଧଙ୍କଠାରୁ ଟଙ୍କା ଛଡ଼ାଇ ନେଇ ପଳାଇ ଯାଇଥିଲେ। ଏ ନେଇ ସାଗର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ତଦନ୍ତ କରୁଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି।

### ଚିନିକଳର ୨ ମୋଟର ଚୋରି ଅଭିଯୋଗ
#### ଥାନାରେ ଅଭିଯୋଗ କଲା ଚିନିକଳ କର୍ମଚାରୀ ସଂଘ



**ନୟାଗଡ଼ ଅଫିସ,୧୮।୬:** ନୟାଗଡ଼ ବ୍ଲକ ପାଣିପୋଇଲାସ୍ଥିତ ଚିନିକଳକୁ ନେଇ କିଛି ଦିନ ଜିଲାରେ ଚର୍ଚ୍ଚା ଜୋର ଧରିଛି। ଏହିଭଳି ସ୍ଥଳେ ଚିନିକଳର ଦୁଇଟି ମୋଟର ଇଟାମାଟିର ଏକ ଲେଦ୍‌ରୁ ଚିହ୍ନଟ କରାଯାଇଛି। ଚିନିକଳର ଏହି ଦୁଇଟି ମୋଟର ଜଣାପଡ଼ିବା ପରେ ଚିନିକଳ କର୍ମଚାରୀ ସଂଘର ସଭାପତି ଯୋଗେନ୍ଦ୍ର ଖୁଣ୍ଟିଆ ଏ ନେଇ ଇଟାମାଟି ଥାନାରେ ଅଭିଯୋଗ କରିଛନ୍ତି। ଯୋଗେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ ମଙ୍ଗଳବାର ସେ ବଜାରରେ ବୁଲୁଥିବା ସମୟରେ ଏକ ଲେଦ୍‌ରୁ ୨ଟି ମୋଟର ଥିବା ଦେଖିବାକୁ ପାଇଥିଲେ। ଉକ୍ତ ମୋଟର ଦୁଇଟିର ନମ୍ବର ୨୮୧୫୧୧୫-୧୦ ଓ ୨୮୫୧୧୫-୩ ଓ ୪୦ ହର୍ସ ପାୱାର ଜୁସ୍ ପମ୍ପ ହୋଇଥିବା ବେଳେ ଏହା ଚିନିକଳର ବୋଲି ଜାଣିବାକୁ ପାଇଥିଲେ। ମୋଟରକୁ ଉଦ୍ଧାର କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଯନ୍ତ୍ରାଂଶ ଚୋରି ହେବା ପଛରେ ସେଠାକାର ଜଗୁଆଳି କିମ୍ବା ଚିନିକଳର ପରିଚାଳକଙ୍କ ଜ୍ଞାତସାରରେ ଏହିଭଳି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ନେଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଦୁଇଟି ମୋଟର ଚିନକଳର ନା ଆଉ କାହାର ବୁଧବାର ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପାତ୍ର ପ୍ରକାଶ କରିଛନ୍ତି।

■ ନୟାଗଡ଼ ଜିଲାକୁ ଟ୍ରେନ୍ ଗଡ଼ିବା ଦୁଇବର୍ଷ ପୂରିଲା

# ୨ରେ ସୀମିତ, ସ୍ପେଶାଲ ଟ୍ରେନ୍ ପାଲଟିଛି ସ୍ୱପ୍ନ

**ନୟାଗଡ଼ ଅଫିସ,୧୮।୬**

୧୯ ଜୁନ୍ ୨୦୧୭ । ଏହି ଦିନ ନୟାଗଡ଼ ଜିଲାବାସୀଙ୍କ ପାଇଁ ଖୁସିର ଦିନ ଥିଲା। ଉକ୍ତ ଦିନ ରେଳ ମାନଚିତ୍ରରେ ନୟାଗଡ଼ ଜିଲା ସାମିଲ ହୋଇଥିଲା। ବୁଧବାର ଜିଲାକୁ ଟ୍ରେନ୍ ଗଡ଼ିବାର ଦୁଇ ବର୍ଷ ବିତିବ। ହେଲେ ପୂର୍ବରୁ ଯେଉଁ ଦୁଇଟି ଟ୍ରେନ୍ ଚଳାଚଳ ହେଉଥିଲା ୨ବର୍ଷରେ ମଧ୍ୟ ସେହି ୨ଟିରେ ସୀମିତ ରହିଛି। ସ୍ପେଶାଲ ଟ୍ରେନ୍ ଜିଲାବାସୀଙ୍କ ସ୍ୱପ୍ନ ପାଲଟିଛି। ଦୁଇଟି ଟ୍ରେନ୍ ନୟାଗଡ଼ ଷ୍ଟେଶନରୁ ଯାଉଥିବା ବେଳେ ଦୁଇଟି ଟ୍ରେନ୍ ଆସୁଛି। ବର୍ତ୍ତମାନ ସୁଦ୍ଧା ସ୍ପେଶାଲ୍ ଟ୍ରେନ୍ ଚଳାଚଳ ହୋଇ ପାରିନାହିଁ। ଜିଲାର ବିଭିନ୍ନ ସଙ୍ଗଠନ ତରଫରୁ ଦାବି କରାଯିବା ପରେ ୨୦୧୮ ଜୁଲାଇ ୩ ତାରିଖରେ ନୟାଗଡ଼ ଟାଉନ ଷ୍ଟେଶନରୁ ଖଡ଼ଗପୁରକୁ ସ୍ପେଶାଲ ପାସେଞ୍ଜର ଟ୍ରେନ୍ ଚଳାଚଳ କରିଥିଲା। ହେଲେ ୩ ମାସ ଚାଲିବା ପରେ ଏହି ଟ୍ରେନ୍‌ଟିକୁ ବାତିଲ କରାଯାଇଥିଲା। ପୂର୍ବରୁ ଯେଉଁଭଳି ଭାବେ ଦୁଇଟି ଟ୍ରେନ୍ ଯାଉଥିଲା ସେହିଭଳି ଦୁଇଟି ଟ୍ରେନ୍ ନୟାଗଡ଼ ଟାଉନ ଷ୍ଟେଶନରୁ ଯାଉଛି। ଗୋଟିଏ ସକାଳ ୫ଟା ଓ ଅନ୍ୟଟି ସକାଳ ୯ଟା ୨୦ରେ ଉଭୟ ପାସେଞ୍ଜର ଟ୍ରେନ୍ ପୁରୀକୁ ଯାଉଛି। ସିଧାସଳଖ ଭୁବନେଶ୍ୱରକୁ ଟ୍ରେନ୍ ଚଳାଚଳ ବର୍ତ୍ତମାନ ସୁଦ୍ଧା ହୋଇପାରିନାହିଁ। ବିଭିନ୍ନ ପର୍ବପର୍ବାଣି ସମୟରେ ଲୋକଙ୍କ ଗହଳି ହେଉଥିବାରୁ ଏକ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବା ପାଇଁ ଦାବି ହେଉଛି। ପାରାଦୀପକୁ ଏକ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ପାଇଁ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି। ଟ୍ରେନ୍ ଲାଇନ୍ ବିଦ୍ୟୁତୀକରଣ ହୋଇ ପାରି ନ ଥିବା ଯୋଗୁ ସ୍ପେଶାଲ ଟ୍ରେନ୍ ଚଳାଚଳ ହୋଇପାରୁ ନ ଥିବା ସୂଚନା ମିଳିଛି।



ଟାଉନ ଷ୍ଟେଶନଠାରେ କାର୍ଯ୍ୟ ଚାଲୁଛି।

■ ବିଦ୍ୟୁତୀକରଣ ନ ହେବା ଯୋଗୁ ଚଳାଚଳ କରୁନାହିଁ ସ୍ପେଶାଲ ଟ୍ରେନ୍

■ ୨ ବର୍ଷରେ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ଗୋଟିଏ ବି ଷ୍ଟେଶନ

### ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଇତିହାସ

ଦୀର୍ଘ ୭୪ ବର୍ଷ ପୂର୍ବେ ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଏହି ୬ ଜିଲାକୁ ରେଳପଥ ସଂଯୋଗ କରାଯିବାକୁ ପରିକଳ୍ପନା କରାଯାଇଥିଲା। ୧୯୪୫ ମସିହାରେ ବେଙ୍ଗଲ ନାଗପୁର ରେଳପଥ ପକ୍ଷରୁ ରେଲୱେ ଏଣ୍ଡ ରାଇଟର୍ସ କମ୍ପାନୀ ସର୍ଭେ କରିଥିଲେ ହେଁ ରେଳପଥ ନିର୍ମାଣ କାର୍ଯ୍ୟ ବିଭିନ୍ନ କାରଣରୁ ବିଳମ୍ବ ହୋଇଥିଲା। ୧୯୯୩ ମସିହାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। ଖୋର୍ଦ୍ଧାରୁ ଖୋର୍ଦ୍ଧା ରୋଡ୍, ବେଗୁନିଆ, ରାଜସୁନାଖଳା ପର୍ଯ୍ୟନ୍ତ ଚାଲିଥିଲା। ୨୦ ମାର୍ଚ୍ଚ ୨୦୧୭ରେ ରାଜସୁନାଖଳାଠାରୁ ବୋଲଗଡ଼ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ ଯାତାୟାତ ଆରମ୍ଭ କରିଥିଲା। ୧୧ ମେ ୨୦୧୭ରେ ନୟାଗଡ଼ ଟାଉନ ଷ୍ଟେଶନକୁ ପରୀକ୍ଷାମୂଳକଭାବେ ରେଳ ଇଞ୍ଜିନ ଗଡ଼ିଥିବାବେଳେ ଜୁନ୍ ୬ ତାରିଖରେ ନୟାଗଡ଼ ଟାଉନରୁ ବୋଲଗଡ଼ ରୋଡ୍ ଷ୍ଟେଶନ୍‌କୁ ୧୧୦ ସ୍ପିଡ୍ କିଲୋମିଟରରେ ୧୨ ବଗି ବିଶିଷ୍ଟ ପାସେଞ୍ଜର ଟ୍ରେନର ଟ୍ରାଏଲ ରନ୍ ହୋଇଥିଲା। ପରେ ଜୁନ୍ ୧୯ରେ ନୟାଗଡ଼କୁ ଟ୍ରେନ୍ ଚଳାଚଳ ହୋଇଥିଲା।

### ଭଡ଼ା ବାବଦକୁ ଆଦାୟ ହୋଇଛି ୩୪ ଲକ୍ଷ ୭୯ ହଜାର

ଦୁଇ ବର୍ଷରେ (ଚଳିତ ମାସ ଜୁନ୍ ୧୭ ତାରିଖ ସୁଦ୍ଧା ) ୧ ଲକ୍ଷ ୩୭ ହଜାର ୧୩୨ ଜଣ ଯାତ୍ରୀ ନୟାଗଡ଼ରୁ ଯାତ୍ରା କରିଥିବା ବେଳେ ସେମାନଙ୍କଠାରୁ ୩୪ ଲକ୍ଷ ୭୯ ହଜାର ୯୨୭ ଟଙ୍କା ଭଡ଼ା ବାବଦକୁ ଆଦାୟ କରାଯାଇଥିବା ନୟାଗଡ଼ ଟାଉନ ଷ୍ଟେଶନ ମାଷ୍ଟର ଶାନ୍ତନୁ କୁମାର ଦାଶ ସୂଚନା ଦେଇଛନ୍ତି। ୨୦୧୭ ଜୁନ୍‌ଠାରୁ ୨୦୧୮ ମେ ମାସ ପର୍ଯ୍ୟନ୍ତ ୫୯,୯୪୨ ଜଣ ଯାତ୍ରୀ ଯାଇଥିବା ବେଳେ ସେମାନଙ୍କଠାରୁ ୧୫ ଲକ୍ଷ ୨୩ ହଜାର ୪୫୨ ଟଙ୍କା ଆଦାୟ କରାଯାଇଛି। ସେହିଭଳି ୨୦୧୮ ଜୁନ୍‌ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୭୭,୧୯୦ ଜଣ ଯାତ୍ରୀ ଯାଇଥିବା ବେଳେ ସେମାନଙ୍କଠାରୁ ୧୯ ଲକ୍ଷ ୫୬ ହଜାର ୪୭୫ ଟଙ୍କା ଭଡ଼ା ବାବଦକୁ ଆଦାୟ କରାଯାଇଛି। ବର୍ଷକୁ ଯାତ୍ରୀ ଓ ଭଡ଼ା ପରିମାଣ ବଢୁଥିଲେ ମଧ୍ୟ ସ୍ପେଶାଲ ଟ୍ରେନ୍ ଚଳାଚଳ ନ କରିବା ଜିଲାବାସୀଙ୍କ ପ୍ରତି ଅନ୍ୟାୟ ବୋଲି କେତେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

### ୨ ବର୍ଷରେ ହୋଇପାରିଲାନି ଗୋଟିଏ ଷ୍ଟେଶନ

ରେଳ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ୭ଟି ଷ୍ଟେଶନ ହେବ। ରାଜସୁନାଖଳା ଓ ନୟାଗଡ଼ ଟାଉନଠାରେ ଷ୍ଟେଶନ ହୋଇଥିବା ବେଳେ ଆହୁରି ୫ଟି ଷ୍ଟେଶନ କରାଯିବ। ନୟାଗଡ଼ ଟାଉନ ଷ୍ଟେଶନ ପରେ ଦୁଇ ବର୍ଷ ହେଲାଣି ଗୋଟିଏ ବି ଷ୍ଟେଶନ କାର୍ଯ୍ୟ ଆଗେଇ ପାରିନାହିଁ। ନୟାଗଡ଼ ଟାଉନ ଷ୍ଟେଶନର ୧୧ କିଲୋମିଟର ପରେ ମହିପୁର ଷ୍ଟେଶନ ପଡୁଥିବା ବେଳେ ଏ ପର୍ଯ୍ୟନ୍ତ ମହିପୁର ଷ୍ଟେଶନର କାର୍ଯ୍ୟ ହୋଇପାରିନାହିଁ। ଏହା ପରେ ନୂଆଗାଁ, ଦଶପଲ୍ଲା, ବୁଗୁଡ଼ା ଓ ବାଣୀଗୋଛାଠାରେ ଷ୍ଟେଶନ ହେବ। ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ମନ୍ଥର ଗତିରେ କାମ ଚାଲୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ନୟାଗଡ଼-ଖଣ୍ଡପଡ଼ା ରୋଡ଼ର ଲକ୍ଷ୍ମୀପ୍ରସାଦଠାରେ ହେବାକୁ ଥିବା ଓଭରବ୍ରିଜ୍ କାର୍ଯ୍ୟ ନିର୍ମାଣାଧୀନ ରହିଛି।

### ପାସେଞ୍ଜର ହଲ୍ଟ (ପିଏଚ୍) ନିର୍ମାଣ ଦାବି ଜୋର ଧରୁଛି

ନୟାଗଡ଼ ଷ୍ଟେଶନ ପୂର୍ବରୁ ଚମ୍ପତିପୁର ଓ ବାଉଁଶିଆପଡ଼ାଠାରେ ପାସେଞ୍ଜର ହଲ୍ଟ (ପିଏଚ୍) ନିର୍ମାଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ତରଫରୁ ଦାବି କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସିଠାରେ ପିଏଚ୍ କାର୍ଯ୍ୟର ଅଗ୍ରଗତି ହୋଇପାରିନାହିଁ। ଚମ୍ପତିପୁରଠାରେ ପିଏଚ୍ ନର୍ମାଣ ହେବା ପାଇଁ ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଜାରି ରହିଛି। କେତେବେଳେ ରାସ୍ତାରୋକୋ, ରେଳରୋକୋ ଭଳି କାର୍ଯ୍ୟକ୍ରମ ଜାରି ରହିଛି। ଦୁଇ ଦିନ ତଳେ ସମିତିର ସଦସ୍ୟମାନେ ନୂତନ ଡିଆରଏମ୍ (ଡିଭିଜନାଲ୍ ରେଲୱେ ମ୍ୟାନେଜର)ଙ୍କୁ ଭେଟି ପିଏଚ୍ ନିର୍ମାଣ ଦାବିକୁ ଦୋହରାଇଥିଲେ।

### ୯୯ଗ୍ରାମରୁ ୬୮ ଗ୍ରାମର ୧୦୧୧ ଏକର ଜମି ହୋଇଛି ଅଧିଗ୍ରହଣ

ଖୋର୍ଦ୍ଧାରୁ ବଲାଙ୍ଗୀର ପର୍ଯ୍ୟନ୍ତ ୨୮୯ କିଲୋମିଟର ବ୍ୟାପୀ ଏହି ରେଳପଥ ନୟାଗଡ଼ ଜିଲାରେ ୯୩ କିଲୋମିଟର ମଧ୍ୟରେ ରହିଛି। ଏହି ୯୩ କିଲୋମିଟରରେ ଜିଲାର ୯୯ ଗ୍ରାମର ୧୩୯୩.୨୬୦ ଏକର ଜମି ଅଧିଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬୮ ଗ୍ରାମର ୧୦୧୧.୬୨୦ ଏକର ଜମି ଅଧିଗ୍ରହଣ କରାଯାଇଥିବା ନୟାଗଡ଼ ଜିଲା ସ୍ୱତନ୍ତ୍ର ଭୂଅର୍ଜନ ମଣ୍ଡଳ ଅଧିକାରୀ ଦେବେଶ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଅବଶିଷ୍ଟ ୩୧ ଗ୍ରାମର ୩୮୧.୬୪୦ ଏକର ଜମି ଅଧିଗ୍ରହଣ କାର୍ଯ୍ୟକ୍ରମ ଚାଲୁରହିଛି। ପ୍ରତିବର୍ଷ କେନ୍ଦ୍ର ସରକାର ରେଳ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ମୋଟା ଅଙ୍କର ଅର୍ଥ ରାଶି ମଞ୍ଜୁର କରୁଥିଲେ ମଧ୍ୟ କାହିଁକି ରେଳ କାର୍ଯ୍ୟ ଆଗେଇପାରୁନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାରେ ହେବାକୁ ଥିବା ଷ୍ଟେଶନଗୁଡ଼ିକର କାର୍ଯ୍ୟ ସାରି ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ଓ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବା ପ୍ରତି ରେଳ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।





ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗୋଡ଼ିପଡ଼ା ଗ୍ରାମବାସୀ।

■ ୨ବର୍ଷ ବିତିଲା ହୋଇପାରୁନି ନୂତନ ଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ

# ଜିଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ

**ନୟାଗଡ଼ ଅଫିସ,୧୮।୬**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ପଞ୍ଚାୟତ ଜାଗିରି ଖଇରପଟିଠାରେ ଏକ ନୂତନ ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ ହେବାର ୨ ବର୍ଷ ବିତିଲାଣି। ହେଲେ ଏହାକୁ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ପୂର୍ବରୁ ଗୋଡ଼ିପଡ଼ା ଅଞ୍ଚଳର ଲୋକମାନେ ଯେଉଁଭଳି ହଇରାଣ ହେଉଥିଲେ ସେହିଭଳି ହେଉଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ଗୋଡ଼ିପଡ଼ା ଅଞ୍ଚଳର କିଛି ବ୍ୟକ୍ତି ମଙ୍ଗଳବାର ଜିଲାପାଳଙ୍କୁ ଭେଟିଛନ୍ତି। ସେମାନଙ୍କ କହିବାନୁସାରେ ଶରଣକୂଳ ବିଦ୍ୟୁତ ବିଭାଗ ସର୍କଲ ୨ ଅନ୍ତର୍ଗତ ଜାଗିରିଖଇରପଟିଠାରେ ନିର୍ମାଣ ହେଉଥିବା ଷ୍ଟ୍ରକଚରଟି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ବୈମାତୃକ ମନୋଭାବ ଯୋଗୁ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ବିଭାଗୀୟ କର୍ମଚାରୀମାନେ ବିନା କାରଣରେ ଦିନ ରାତି ସବୁ ସମୟରେ ବିଦ୍ୟୁତ କାଟ କରୁଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଓ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଅସହ୍ୟ ଯନ୍ତ୍ରଣା ଦେଉଛି। ନୂତନ ଷ୍ଟ୍ରକଚରଟି କାର୍ଯ୍ୟକ୍ଷମ ହେଲେ ବିଦ୍ୟୁତ୍ ସମସ୍ୟା ଦୂର ହୋଇ ପାରନ୍ତା ବୋଲି ସେମାନେ କହିଛନ୍ତି। ୨ ଦିନ ଭିତରେ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଅଣସରରେ ତିନି ଠାକୁର

**ଖଣ୍ଡପଡ଼ା,୧୮।୬(ସ୍ୱ.ପ୍ର.):** ଜ୍ୟେଷ୍ଠ ପୂର୍ଣ୍ଣମୀ ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ଭାବେ ବିରାଜିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଦେବସ୍ନାନ ଯାତ୍ରା ସୋମବାର ପାରମ୍ପାରିକ ରୀତିରେ ସମ୍ପନ୍ନ ହୋଇଯାଇଛି । ଗଜାନନ ବେଶ ହୋଇଥିବା ଶ୍ରୀ ଜୀଉମାନେ ଅଧିକ ସ୍ନାନ କରିବା ଯୋଗୁ ଅସୁସ୍ଥ ହୋଇ ପଡିଥିଲେ। ଦୀର୍ଘ ୧୫ ଦିନ ପର୍ଯ୍ୟନ୍ତ ଶ୍ରୀଜୀଉମାନେ ଅଣସର ଘରେ ରହୁଥିବାରୁ ଭକ୍ତମାନେ ଶେଷ ଦର୍ଶନ ପାଇଁ ମନ୍ଦିର ପରିସରରେ ସମାଗମ ହୋଇଥିଲେ। ତେବେ ଜୁଲାଇ ୨ରେ ଠାକୁରଙ୍କ ନବଯୌବନ ବେଶ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏହାପରେ ଅନୁଷ୍ଠିତ ହେବ ପବିତ୍ର ରଥଯାତ୍ରା।

■ ନାବାଳିକା ଅପହରଣର ୪୫ ଦିନ ବିତିଲା, ପୋଲିସ ହାତ ଖାଲି

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ନୟାଗଡ଼ ଅଫିସ,୧୮।୬**

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସାନପଣ୍ଡୁସର ଗ୍ରାମର ଜଣେ ଯୁବକ ଅପହରଣ କରି ନେଇ ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଇଟାମାଟି ଥାନାରେ ମାମଲା ରୁଜୁ କରାଯାଇଥିବାବେଳେ ଘଟଣାକୁ ୪୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ନାବାଳିକାଙ୍କ ଗ୍ରାମର ଲୋକେ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଏପ୍ରିଲ ୨୯ ତାରିଖରେ ସାନପଣ୍ଡୁସର ଗ୍ରାମର କାଶୀନାଥ ମଲ୍ଲିକ କିଛି ଲୋକଙ୍କ ସହାୟତାରେ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ପରିବାର ଲୋକ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ପରେ ମେ ୧ ତାରିଖରେ ନାବାଳିକାଙ୍କ ପରିବାର ଲୋକ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ଇଟାମାଟି ପୋଲିସ ସାନପଣ୍ଡୁସର ଗ୍ରାମର ଭ୍ରମରବର ମଲ୍ଲିକ, ସବିତା ମଲ୍ଲିକ, କାଳିଆ ମଲ୍ଲିକ, ଚିନ୍ତାମଣି ଖଟୁଆ, ତପନ ଖଟୁଆ ଓ କାଶୀନାଥ ମଲ୍ଲିକ ପ୍ରମୁଖ ୬ ଜଣଙ୍କ ନାମରେ ୬୪/୧୯ରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ଭ୍ରମରବର ମଲ୍ଲିକ, ସବିତା ମଲ୍ଲିକ ଓ ତପନ ଖଟୁଆଙ୍କୁ ଗିରଫ କରିଥିବା ବେଳେ ୩ ଜଣ ଫେରାର ଥିଲେ । ଗିରଫ ୩ ଜଣ ଜାମିନରେ ଆସିଛନ୍ତି। ପୋଲିସ ଜାଣିଶୁଣି ଅନ୍ୟ ୩ ଜଣଙ୍କୁ ଗିରଫ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ୪୫ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡ଼ିଛି। ଜଣେ ନାବାଳିକାଙ୍କୁ ଉଦ୍ଧାର କରି ପାରୁ ନ ଥିବାରୁ ଇଟାମାଟି ପୋଲିସ ଉପରେ ଗ୍ରାମବାସୀଙ୍କ ଭରସା ତୁଟି ଯାଇଥିବା ପ୍ରକାଶ କରିଛନ୍ତି। ଏ ନେଇ ପୂର୍ବରୁ ନାବାଳିକାଙ୍କ ଗ୍ରାମର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ମଙ୍ଗଳବାର ପୁନର୍ବାର ଗ୍ରାମବାସୀ ଏସ୍‌ପିଙ୍କୁ ଭେଟି ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି ଏହାର ସମାଧାନ ନ ହୁଏ ତା ହେଲେ ଗ୍ରାମବାସୀ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।





ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ୱର୍ଣ୍ଣଲତା ସାହୁ**
ସ୍ୱାମୀ- ସ୍ୱର୍ଗତ ଯୋଗେନ୍ଦ୍ର ମୋହନ ସାହୁ
ପ୍ଲଟ ନମ୍ବର ୧୮୨/୫୪୮
ଜୟଦୁର୍ଗା ନଗର, ଭୁବନେଶ୍ୱର
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆଜି ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:**
ପରିବାରବର୍ଗ
ଧ-୧୩୦୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରୋହିଣୀ ସୁଆର**
ତିରୋଧାନ: ଆଷାଢ଼ କୃଷ୍ଣ ଦ୍ୱିତୀୟା
ସ୍ଥାନ: ଇନ୍ଦ୍ରନଗର, ସୁନ୍ଦରଗଡ଼
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତଥାପି ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପ୍ରେରଣା ଆମପାଇଁ ମାର୍ଗ ଦର୍ଶକ ହୋଇ ରହିଛି ଓ ରହିବ ମଧ୍ୟ। ଆଜିର ଏହି ୧ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:-**
ପୁତ୍ର: ଅଭିମନ୍ୟୁ, ଗୋବିନ୍ଦ, ପୁତ୍ରବଧୂ: କୁମୁଦିନୀ, ସୂର୍ଯ୍ୟକାନ୍ତୀ, ଝିଅ: ମାହେଶ୍ୱରୀ, ସୁଷମା, ମମତା, ଜ୍ୱାଇଁ: ମଧୁସୂଦନ, ନରସିଂହ, ସରୋଜ, ନାତି: ପ୍ରମୋଦ, ପ୍ରଦୀପ, ପ୍ରତାପ, ଶ୍ରୀକାନ୍ତ, ଶ୍ରୀନିବାସ, ପ୍ରଶାନ୍ତ, ବିଶ୍ୱନାଥ, ରିଚାର୍ଡ ବେଦାୟନ, ପୁଣ୍ୟଶ୍ଳୋକ, ନାତୁଣୀ: ମୀରା, ନିବେଦିତା, ଶୁଭଶ୍ରୀ, ବାଣିଶ୍ରୀ, ଭାଗ୍ୟଶ୍ରୀ।
ଧ-୧୩୦୨୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମନୋରମା ମିଶ୍ର (ମଣି)**
ଏ.ଏଲ୍-୭୩, ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭
ଆବିର୍ଭାବ: ୨୭।୦୮।୧୯୪୭
ତିରୋଧାନ: ୧୧।୦୬।୨୦୧୭
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୯୭

**ଏକାଦଶାହ ଉପଲକ୍ଷେ**
**ଶ୍ରଦ୍ଧାଞ୍ଜଳି**



**ୱ ଶ୍ରୀ ମଦନ ମୋହନ ପ୍ରଧାନ (ଟିକନ)**
(ବଡଗଡ, ଭୁବନେଶ୍ୱର)
ଆବିର୍ଭାବ - ୨୦.୦୫.୧୯୫୧
ତିରୋଧାନ - ୦୯.୦୬.୨୦୧୯
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ- ପପୁ, ଅପୁ, ଝିଅ- ପିଙ୍କି ଓ ପରିବାରବର୍ଗ
ଧ-୬୬୫୬୮

**ଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରମ୍ଭାମାଳୀ ସିଂହ ସାମନ୍ତ**
(ବାଙ୍କତରା ବଡ଼ ମଣିମା)
ସ୍ଥାନ: ରବିପ୍ରଭା, ଓଡ଼ଗାଁ (ନୟାଗଡ଼)
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୧୦।୦୬।୨୦୧୯
ଦୀର୍ଘ ବର୍ଷର ସ୍ନେହ ସମ୍ପର୍କ ତୁଟାଇ, ଆମ୍ଭମାନଙ୍କ ଉପରେ ଅଭିମାନ କରି ତୁମେ ଆରପାରିକୁ ଚାଲିଗଲ। ଜ୍ୟୋତିର୍ବିଦ, ପଠାଣି ସାମନ୍ତଙ୍କ ଉତ୍ତର ଦାୟଦ ରୂପେ ତୁମର କର୍ମ ପ୍ରେରଣା, ଧୈର୍ଯ୍ୟ, ସହନଶୀଳତା, ଜ୍ଞାନ, ଗୁଣ, ଗରିମା, ସରଳତା ଓ ନିଷ୍କପଟତା ଆମ୍ଭମାନଙ୍କର ଚିର ସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସାମନ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ (ପୁତ୍ର, ପୁତ୍ରବଧୂ, କନ୍ୟା, ପୌତ୍ର, ପୌତ୍ରୀ, ପ୍ରପୌତ୍ର ବଧୂ, ପ୍ରପୌତ୍ର ଓ ପ୍ରପୌତ୍ରୀ)
ଧ-୧୩୦୨୪

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଦୀପ୍ତ କୁମାର ମହାନ୍ତି**
୨୯- ସୂର୍ଯ୍ୟନଗର,
ଭୁବନେଶ୍ୱର-୦୩
ଆବିର୍ଭାବ: ୦୩।୦୬।୧୯୫୨
ତିରୋଧାନ: ୦୯।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ
ଧ-୧୨୯୯୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମନସ୍ୱନୀ ସାହୁ (ବୁନୁ)**
ବାଛାରାପାଟଣା, ଜଟଣୀ
ଆବିର୍ଭାବ: ୦୫।୦୪।୧୯୯୨
ତିରୋଧାନ: ୧୯।୦୬।୨୦୧୩
ମା' ବୁନୁ କାଲି ପରି ଲାଗୁଛି- ଦେଖୁ ଦେଖୁ ଛଅ ବର୍ଷ ବିତିଗଲା- ତୋ ବିନା ସତେ ସବୁକିଛି ଅଧୁରା- ଗୋଟିଏ ବି ଦିନ ବିତିନାହିଁ- ଯେଉଁଦିନ ତୋ କଥା ମନେପଡି ନାହିଁ- ତୋର ଆବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜି ବି ଅସହ୍ୟ। ପ୍ରଭୁ କାଳିଆ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ:**
ତୋର ମା' କନକ, ଜେଜେମା, ଦାଦା, ଖୁଡ଼ୀ, ସୋନୁ, ରୀନୁ, ଗଜ୍ଜୁ ଓ ପ୍ରିୟର ମଣିଷା।
ଧ-୧୩୦୨୩

**ଏକାଦଶାହ ଉପଲକ୍ଷେ**
ତା.୧୯।୦୬।୨୦୧୯(ବୁଧବାର)



**ୱସମରେନ୍ଦ୍ର କର (ସମୀର)**
ଆବିର୍ଭାବ: ୧୪।୧୨।୧୯୬୬
ତିରୋଧାନ:୦୯।୦୬।୨୦୧୯
ସାଲେପୁର, କଟକ
ତୁମର ଅନୁପସ୍ଥିତ ଆମ ଜୀବନରେ ଭରି ଦେଇଛି ଶୂନ୍ୟତା । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ: ରବିନ୍ଦ୍ର ନାଥ କର, ନବକିଶୋର କର, ପ୍ରଦୀପ୍ତ କୁମାର କର, ପ୍ରଶାନ୍ତ କୁମାର କର, ସିଟୁ, ସଣ୍ଟୁ, ଶିଲୁ, ଗୌତମ, କିଟୁ, ସତ୍ୟମ୍, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୩୭

